Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୪୫
Volum. - 21 ■ Issue No.- 45
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୦୩ ଅକ୍ଟୋବର - ୦୯ ଅକ୍ଟୋବର ୨୦୨୧ / 03 Oct. - 09 Oct. 2021 / Odia Weekly / 8 Pages / Rs.2/- only

## ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ କେଶରୀୟା ହିନ୍ଦୁ ବାହିନୀ ତରଫରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ



ବଲାଙ୍ଗିର, (ନିପ୍ର) : ରାଜ୍ୟରେ ମାତ୍ରାଧିକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଏବଂ ବଲାଙ୍ଗିର ସହର ତଥା ଏହାର ଆଖପାଖ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ପ୍ରତିବାଦରେ କେଶରୀୟା ହିନ୍ଦୁ ବାହିନୀ ତରଫରୁ ଆଜି ସକାଳ ୧୧ ଟା ସମୟରେ ଜିଲ୍ଲା ସଭାପତି ପ୍ରଦୀପ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ରାଜ୍ୟ ସଭାପତି ସନ୍ତୋଷ ଭୋଲଙ୍କ ଉପସ୍ଥିତିରେ ପେଲେସ୍ ଲାଇନ୍ ସ୍ଥିତ ବିଦ୍ୟୁତ୍ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଓଡ଼ିଶା ସରକାର ଟିପିଡବ୍ଲ୍ୟୁଓଡିଏଲ୍ ସହିତ ଚୁକ୍ତିବଦ୍ଧ କଲା ପରେ ସାରା ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟେକ ସ୍ଲାବ୍‌ରେ ଏବଂ ପ୍ରତ୍ୟେକ ୟୁନିଟ୍‌ରେ ୫୦ ପଇସା ବୃଦ୍ଧି କରିଛନ୍ତି । ଯେଉଁଥି ପାଇଁ ସାଧାରଣ ଲୋକଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତତ୍ ସହିତ ରାଜ୍ୟର ବିଭିନ୍ନ ଜାଗାରେ ଏବଂ ମୁଖ୍ୟତଃ ବଲାଙ୍ଗିର ସହର ଓ ଏହାର ପାଖାପାଖି ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ଲୋକ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି । ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ସମ୍ପର୍କ କରି ଜଣାଇଲେ ମଧ୍ୟ ଅସୁବିଧାର ସମାଧାନ ହୋଇପାରୁ ନାହିଁ କିମ୍ବା କୌଣସି ଫଳପ୍ରଦ ହୋଇପାରୁନାହିଁ । ବରଂ ଅଭିଯୋଗକାରୀଙ୍କ ବିରୁଦ୍ଧରେ ଆକ୍ରୋଶମୂଳକ ଭାବେ ପଦକ୍ଷେପ ନେଉଛନ୍ତି ଏବଂ ତାଙ୍କ ଘରର ବିଦ୍ୟୁତ୍ କାଟ କରୁଛନ୍ତି ବୋଲି କେଶରୀୟା ହିନ୍ଦୁ ବାହିନୀ ତରଫରୁ ଆଜି ଏହି ଘେରାଉ କାର୍ଯ୍ୟକ୍ରମ କରାଯିବା ସହ (ସୁପୁରିଟେଣ୍ଡେଣ୍ଟ ଇଞ୍ଜିନିୟର୍) ବଲାଙ୍ଗିରଙ୍କ ମାଧ୍ୟମରେ ଏକ ଦାବୀପତ୍ର ସି.ଇ.ଓ. (ଟିପିଡବ୍ଲ୍ୟୁଓଡିଏଲ୍)ଙ୍କୁ ଦିଆଯାଇଥିବା ବେଳେ ବିଦ୍ୟୁତ୍ ଶୁଳ୍କ ହ୍ରାସ କରିବା ସହ ଅଘୋଷିତ ବିଦ୍ୟୁତ୍ କାଟକୁ ରୋକିବା ପାଇଁ ଦାବୀ ଜଣାଯାଇଥିଲା । ଯଦି ଏହାକୁ ବିଦ୍ୟୁତ୍ ବିଭାଗ ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ରାଜ୍ୟ ସରକାର ବିଚାରକୁ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବେ । କେଶରୀୟା ହିନ୍ଦୁ ବାହିନୀ ତରଫରୁ ଆଗାମୀ ଦିନରେ ଜନଆନ୍ଦୋଳନ କରାଯିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ଉପାଧକ୍ଷ ଶଙ୍କର୍ଷଣ ଆଚାର୍ଯ୍ୟ, ପ୍ରଦେଶ କୋଷାଧକ୍ଷ ସୁଶିଲ ସାହୁ, ଜିଲ୍ଲା ପ୍ରଭାରୀ ଶଙ୍କର ଅଗ୍ରୱାଲ, ଜିଲ୍ଲା ଉପସଭାପତି ପ୍ରଦୀପ ଦାସ, ପ୍ରଦୀପ ସାହୁ, ରମେଶ ବାଗ୍, ବୁଲୁ ପର୍ଡିଆ, ଜିଲ୍ଲା ପ୍ରବକ୍ତା ଦେବାନନ୍ଦ ନାୟକ, ଶୈଳେନ୍ଦ୍ର ନାଏକ, ରାଜୁ ନାଏକ, କବି ସାହୁ, ଅଂଶୁମାନ ପୁଟେଲ, ସୁରଜ୍ ବକୁଲ୍, ସୁଶିଲ ମହାକୁର, ନଗର ଉପସଭାପତି ଦେବରାଜ ନାଗ, ଲୋଇସିଂହା ବ୍ଲକ୍ ସଭାପତି ବିରେନ୍ଦ୍ର ବାରିକ୍, ସଇଁତଲା ବ୍ଲକ୍ ସଭାପତି ଚନ୍ଦ୍ରଭାନୁ ପ୍ରଧାନ, ଆଗଲପୁର ବ୍ଲକ୍ ସଭାପତି ଦୀନବନ୍ଧୁ ବିଶ୍ୱାଳ ତଥା ଅନ୍ୟାନ୍ୟ ପ୍ରମୁଖ ବ୍ଲକ୍ ଏବଂ ଜିଲ୍ଲା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ



ବଲାଙ୍ଗିର, (ନିପ୍ର) : ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଆଜି ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଫେସର ମଧୁସୂଦନ ପତି ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ । ଏହି ପ୍ରତିଯୋଗୀତାରେ ବଲାଙ୍ଗିରର ନଟରାଜ କଳା ପରିଷଦ ପ୍ରଥମ ସ୍ଥାନ ଓ ତୁଷୁରା କୃଷ୍ଣପ୍ରୀୟା କଳା ପରିଷଦ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିପରି ତୃତୀୟ ସ୍ଥାନ ଅଧିକାର କରିଛି ସଦେଇପାଲିର ନିରାକାର କଳା ପରିଷଦ ।

## ରାଣୀସର୍ଡା ଗ୍ରାମର ପ୍ରସିଦ୍ଧ ମା' ମାହେଶ୍ୱରୀ ମନ୍ଦିରରେ ଷୋଡଶ ପୂଜା ଆରମ୍ଭ



ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ରାଣୀସର୍ଡା ଗ୍ରାମର ପ୍ରସିଦ୍ଧ ମା' ମାହେଶ୍ୱରୀ ମନ୍ଦିରରେ ଆଶ୍ୱିନ ମାସ ପବିତ୍ର ଅଷ୍ଟମୀ ତିଥିରେ ମା' ମାହେଶ୍ୱରୀଙ୍କର ଷୋଡଶ ପୂଜା ଆରମ୍ଭ ହୋଇଯାଇଛି । ଏହି ପୂଜା ପ୍ରତିବର୍ଷ ଆଶ୍ୱିନ ମାସ ପବିତ୍ର ଅଷ୍ଟମୀ ତିଥିରୁ ଆରମ୍ଭ ହୋଇଥାଏ । ଏହି ବର୍ଷ ନୂତନ ଭାବେ ନିର୍ମିତ ଭବ୍ୟ ମନ୍ଦିରରେ ମା' ମାହେଶ୍ୱରୀଙ୍କର ପୂଜା ଆରମ୍ଭ ହୋଇଛି । ମନ୍ଦିରର ପୂଜକ ତଥା ସୂପକାର ସେବକ ସୌମିତ୍ରୀ ପାଢ଼ୀଙ୍କର ଦେହାନ୍ତ ହୋଇଥିବା ଯୋଗୁଁ ତାଙ୍କ ସ୍ଥାନରେ ମଧୁସୂଦନ ପଣ୍ଡା ଯୋଗ ଦେଇଛନ୍ତି ଏବଂ ରାଣୀସର୍ଡା ଗ୍ରାମର ଗୌନ୍ତିଆ ପ୍ରେମରାଜ ମହାକୁର, ମନ୍ଦିରର ଦେହୁରୀ ରାମପ୍ରସାଦ ଦେହେରି, ସୁଦର୍ଶନ ପାତ୍ର, ସୁରେଶ ଭୁକ୍ତା ଓ ଅନ୍ୟ ସମସ୍ତ ଦେହୁରୀଆ ତଥା ସେବକମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

## ମରୁଡି ଅଞ୍ଚଳ ପରିଦର୍ଶନ କଲେ ସାଂସଦ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଏକ ଚିର ମରୁଡି ପ୍ରପୀଡିତ ଅଞ୍ଚଳ ହୋଇଥିବାରୁ ବର୍ଷା ପାଣିର ଭରସାରେ ଚାଷୀ ଚାଷ କରିଥାଏ । ଲଗାତାର ଭାବେ ମରୁଡି ଦେଖା ଦେଉଥିବା ସତ୍ୱେ ଓଡିଶା ସରକାର ଗାଇସିଲେଟ ବ୍ଲକ୍ର ଚାଷୀମାନଙ୍କୁ ପାଣି ଯୋଗାଇ ଦେଇ ପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ଆଜି ସକାଳୁ ବରଗଡ ସାଂସଦ ସୁରେଶ ପୂଜାରୀ ଗାଇସିଲେଟ ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀମାନଙ୍କ ସମସ୍ୟା ବୁଝି ମରୁଡି ଖେତ ପରିଦର୍ଶନ କରିଥିଲେ ଖୁଣ୍ଟପାଲି ଗ୍ରାମର ଚାଷୀ ମଲକେନ୍ ନାଳାର ଲେଫ୍ଟ କେନାଲ ନିର୍ମାଣ, ଅଚଳ ହୋଇ ପଡି ରହିଥିବା ଉଠା ଜଳସେଚନକୁ କାର୍ଯ୍ୟକାରୀ କରିବା ପାଇଁ ଦାବୀ କରିଥିଲେ, ତାଲପାଲି, ବ୍ରାହ୍ମଣମାଲ, ଅଇଁଲାବାହାଲ, ଯେନକେତା, ଗାଇସିଲେଟ, ଡାଙ୍ଗବାହାଲ ଗ୍ରାମକୁ ଯାଇ ପ୍ରତ୍ୟକ୍ଷ ଭାବେ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପାର୍ଲିଆମେଣ୍ଟରେ ଦାବୀ ରଖିବେ ବୋଲି ମତ ରଖିଥିଲେ ।

ତାଙ୍କ ସହ ଜିଲ୍ଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସାଂସଦ ପ୍ରତିନିଧି ପ୍ରବୀଣ କୁମାର ପାଣିଗ୍ରାହୀ, ଜିଲ୍ଲା ଉପାଧକ୍ଷ ମଦନ ଦୀପ, ବିନାୟକ ଗୁରୁ ମଣ୍ଡଳ ସଭାପତି ବିପିନ ସାହୁ, ଆନନ୍ଦ ମଟାରୀ, ଯୁବ ମୋର୍ଚ୍ଚା ସଭାପତି ଅମିତ ପଣ୍ଡା, ଯଜ୍ଞେଶ୍ୱର, ସନତ ଗଡତିଆ, ପଧାନ, ଗୋପାଳ ସାହୁ ସମସ୍ତ ନେତୃମଣ୍ଡଳୀ ଉପସ୍ଥିତ ଥିଲେ ।

## ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜଙ୍କୁ ମରଣାନ୍ତକ ଆକ୍ରମଣ : ଦୁର୍ବୃତ୍ତମାନେ ଲୁଟିନେଲେ ମୋବାଇଲ



ଭୁବନେଶ୍ୱର, (ନିପ୍ର) : ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଭୋର୍ ୫ଟା ସମୟରେ ସ୍ଥାନୀୟ ଡେଲ୍‌ଟା ସ୍କୋୟାର୍ ଅଞ୍ଚଳରେ ସାମ୍ବାଦିକ ଶ୍ରୀ ଭଞ୍ଜ ପ୍ରାତଃ ଭ୍ରମଣ କରୁଥିବା ବେଳେ ଦୁର୍ବୃତ୍ତ ମାନେ ଲୁହା ଛଡ ଦ୍ୱାରା ଆକ୍ରମଣ କରି ତାଙ୍କଠୁ ମୋବାଇଲ ଛଡାଇ ନେଇଥିଲେ । ଏବେ ସେ କେପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇଥିବା ଜଣାପଡିଛି । ଏହି ଆକ୍ରମଣ ଘଟଣାକୁ ସାମ୍ବାଦିକ ମହଲରେ ଦୃଢ ନିନ୍ଦା କରାଯାଇଥିବା ବେଳେ ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରଯାଇଛି ।

## ନୂଆପଡାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ଆୟୁଷ୍ମାନ ଯୋଜନା ଫେଲ : ସାଧାରଣରେ ଅଭିଯୋଗ

ନୂଆପଡା, (ନିପ୍ର) : କେନ୍ଦ୍ର ଏବଂ ରାଜ୍ୟ ସରକାର ସାଧାରଣ ଲୋକଙ୍କ ଚିକିତ୍ସା ପାଇଁ ଆୟୁଷ୍ମାନ ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ଅନେକ ଜନ ହିତକର ଯୋଜନା ମାନ ପ୍ରଣୟନ କରିଛନ୍ତି । ହେଲେ ନୂଆପଡା ଜିଲ୍ଲାରେ ଏସବୁ ଯୋଜନା ନାମକୁ ମାତ୍ର ହୋଇ ରହିଯାଉଛି ବୋଲି ମତପ୍ରକାଶ ପାଉଛି । ସୂଚନା ଅନୁସାରେ ଏହି ସବୁ ଯୋଜନାରୁ ଗରିବ ହିତାଧିକାରୀ ମାନେ ବଂଚିତ ହୋଇ ବର୍ଷ ବର୍ଷ ଧରି ଶଯ୍ୟାଶାୟୀ ହୋଇ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଲୋକେ ନିଜ ଅଧିକାରରୁ ବଂଚିତ ହୋଇ ଦୁର୍ବିସହ ଜୀବନ ବିତାଉଛନ୍ତି ବୋଲି ଅଭିଯୋଗ ହେଉଛି । ଏପରି ଏକ ଘଟଣା ଘଟିଥିବା ସୂଚନା ମିଳିଛି ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ କେନ୍ଦୁପାଟି ଗାଁରେ । କେନ୍ଦ୍ରର ଆୟୁଷ୍ମାନ ଓ ରାଜ୍ୟର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନୂଆପଡା ଜିଲ୍ଲାରେ ଫେଲ ମାରିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ସୂଚନା ଅନୁସାରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଅର୍ଥାଭାବରୁ ଚିକିତ୍ସା କରାଇ ନପାରି



ଦୀର୍ଘ ୫ ବର୍ଷ ହେବ ଶଯ୍ୟାଶାୟୀ ହୋଇ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ କେନ୍ଦୁପାଟି ଗାଁର କେତୁ ଷଣ୍ଢଙ୍କ ସ୍ତ୍ରୀ ହୀରାବାଇ ଷଣ୍ଢ । କେତୁ ଷଣ୍ଢଙ୍କ ପରିବାର କହିଲେ ରୁଗଣା ସ୍ତ୍ରୀ ଏବଂ ପୁଅବହୁ ମିଶି ଚାରି ଜଣ । ସୁରୁଖୁରୁରେ ଚାଲୁଥିଲା ତେଲଲୁଣର ସଂସାର ହେଲେ ଗତ ୫ ବର୍ଷ ତଳେ ସ୍ତ୍ରୀ ହୀରାଦେଇ ଅଜଣା ରୋଗରେ ଆକ୍ରାନ୍ତ ହୋଇ ପଡିଲେ । ଧୀରେ ଧୀରେ ଗୋଡ଼ ହାତ ବଙ୍କେଇ ହୋଇ ଯାଇ ଚଲାବୁଲା

(ସପ୍ତମ ପୃଷ୍ଠା ଦେଖନ୍ତୁ)

# ସିନ୍ଧି ଚୋରଠୁ ସାଇବର୍ ଚୋର

**-ମୀନକେତନ ବାରଲେବଡ଼ିଆ**



ସିନ୍ଧିଚୋର – ମାଟିକାନ୍ଥକୁ କଣା କରି ଚୋର ଘର ଭିତରକୁ ପଶୁଥିଲା ଓ ବାସନକୁସନ ସମେତ ଘରେ ଯାହା ପାଇଲା ତାକୁ ନେଇଯାଉଥିଲା । ଭଲ କଂସା ବାସନ ଦୁଇଖଣ୍ଡ କାହା ଘରେ ଥିଲେ ମଧ ସିନ୍ଧି ଖୋଳି ନେଇଯାଉଥିଲେ । ଏମିତି ବି ହେଇଛି, ଝିଅ ବାହାଘର ପାଇଁ ସବୁ ଜିନିଷ କିଣା ସରିଥିବ, ବାହାଘର ପୂର୍ବଦିନ କଳାକନା ବୁଲେଇ ଦେଇଥିବେ । ଲୋକ ତ ଚୋରମାନଙ୍କୁ ଜାଣି ବି ଯାଉଥିଲେ । ଅମୁକ ଗାଁରେ ସିନ୍ଧିଚୋର ଅଛନ୍ତି ବୋଲି କହି ଦେଉଥିଲେ । ଅଶୀ ଦଶକ ପର୍ଯ୍ୟନ୍ତ ସିନ୍ଧିଚୋର ଦୃଷ୍ଟିଗୋଚର ହେଉଥିଲେ । ନବେ ଦଶକର ପ୍ରଥମ ଭାଗରେ କାଁ ଭାଁ ଦେଖାଦେଇଥିଲେ ହେଁ ପ୍ରାଦୁର୍ଭାବ କମିଗଲା ଓ ସେଇ କୁତ୍ସିତ ବୃତ୍ତି ଲୋପ ପାଇଗଲା ।

ଚୋରିବୃତ୍ତି ଆପଣେଇବାର ମୁଖ୍ୟ କାରଣ ଥିଲା ଦାରିଦ୍ର୍ୟ । ଲୋକ ଭଲ ଭାବରେ ଖାଇବାକୁ ପାଉ ନଥିଲେ । କାମଧନ୍ଦା ମଧ ମିଳୁନଥିଲା । "ବୁଭୁକ୍ଷୁ କିଂ ନ କରୋତି ପାପଂ " ନ୍ୟାୟରେ କିଛି ଲୋକ ବାଧ୍ୟ ହେଉଥିଲେ ଏଭଳି ଘୃଣ୍ୟ କାର୍ଯ୍ୟ କରିବା ପାଇଁ । ସେତିକି ବେଳେ କ୍ଷେତରୁ ପାଚିଲା ଧାନ, ବିଭିନ୍ନ ପ୍ରକାରର ଶସ୍ୟ ମଧ ଚୋରି ହେଉଥିଲା । ଧାନଖଳାରୁ ଧାନ ଚୋରି ହେଉଥିଲା । ଲୋକଙ୍କ ଘରୁ ରନ୍ଧାଭାତ ମଧ ଚୋରି ହେଉଥିଲା ।

ଆଜିକାଲି ଏକଥା କହିଲେ ସମସ୍ତେ ଆଶ୍ଚର୍ଯ୍ୟ ହେବେ । ସେ ସମୟରେ ଚୋରମାନେ ଧରାପଡୁଥିଲେ, ଗାଆଁ ଲୋକଙ୍କ ଦ୍ୱାରା ବହେ ସେକା ଖାଉଥିଲେ, ପୋଲିସ ବାନ୍ଧି ନେଉଥିଲା, ଜିଅଲ ହେଉଥିଲା । ପୁଣି ଜିଅଲରୁ ମୁକୁଳିଲା ପରେ ସେଇ କାମ କରୁଥିଲେ । ଏହାର ମୁଖ୍ୟ କାରଣ ଥିଲା ଭୋକ । ପୋଲିସ୍, କୋର୍ଟକଚେରୀ, ନିୟମକାନୁନ, ଜିଅଲ ଜୋରିମାନା କିଛି ବି ଏଇ ପ୍ରଥାକୁ ବନ୍ଦ କରିପାରୁନଥିଲେ । ସରକାରୀ ସ୍ତରରେ ଯେତେବେଳେ ଲୋକମାନଙ୍କ ରୋଜଗାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସବୁ ପ୍ରଚଳନ କରାହେଲା । ଲୋକଙ୍କୁ ସରକାରୀ ସହାୟତା ମିଳିଲା । କଳକାରଖାନା ସବୁ ଗଢିଉଠିଲା । ସେଠାରେ ମଧ କାମ ସବୁ ମିଳିଲା । ବେସରକାରୀ ସ୍ତରରେ ମଧ ଦାରିଦ୍ୟ ଦୂରୀକରଣ ପାଇଁ ଅନେକ ପଦକ୍ଷେପ ନିଆଗଲା । ଲୋକମାନେ ଆଉ ଭୋକରେ ରହିଲେ ନାହିଁ । ଏ ଭଳି ଘୃଣ୍ୟ କାମ କରିବାଠୁ ଆପେ ଆପେ ସେମାନେ ଦୂରେଇ ଗଲେ । ଏବେ ଆସିବା ମୂଳ ପ୍ରସଙ୍ଗକୁ । ପ୍ରତିଦିନ ସାଇବର ଠକମାନେ ବିଭିନ୍ନ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଥିବା ଆପଣମାନେ ଶୁଣୁଥିବେ, ପଢୁଥିବେ କିମ୍ବା ନିଜେ ମଧ ଏହାର ଶିକାର ହେଇ ସାରିବେଣି । ଆମେ କାରଣ ଖୋଜିବା ପୂର୍ବରୁ ଜାଣିବା ଏଇ ସାଇବର ଚୋରମାନେ କିଏ ? ଏମାନେ ସିନ୍ଧିଚୋର ଭଳି ଭୋକରେ ଆଉଟୁପାଉଟୁ ହେଉଥିବା ଲୋକ ନୁହଁନ୍ତି । ଏମାନେ ମଳିମୁଣ୍ଡିଆ ଲୋକ ନୁହନ୍ତି । ଏମାନେ ପାଠୁଆ । ଟଙ୍କା ଦେଇ ଯେତେ ବୈଷୟିକ/ଅଣବୈଷୟିକ ପାଠର ଯୋଗ୍ୟତା ଅର୍ଜନ କରାଯାଇପାରେ, ସେମାନେ ତାହାର ଅଧିକାରୀ । ସେମାନେ ସମ୍ଭ୍ରାନ୍ତ ଘରର ମଧ । ସେମାନଙ୍କ ଆଶାଥିଲା ଏଇ ଯୋଗ୍ୟତା ହାସଲ ପରେ ଭଲ ଅର୍ଥ ଉପାର୍ଜନ କରିବେ, ରୋଜଗାରକ୍ଷମ ହେବେ, ଅଏସ୍ ଜୀବନଯାପନ କରିବେ । କିନ୍ତୁ ରୋଜଗାର କାହିଁ ? ଅନ୍ୟ ଉପାୟ ନ ପାଇ ସେଇ 'ସିନ୍ଧିଚୋର' ଭଳି ଏଇ କୁତ୍ସିତ ବୃତ୍ତିକୁ ଆପଣେଇ ନେଉଛନ୍ତି ।

ଆମେ ଯଦି ତା'ର କାରଣ ଖୋଜି ନିରାକରଣ ବ୍ୟବସ୍ଥା କରିବା ନାହିଁ, ତେବେ ଏ ଭଳି ସାଇବର ଠକାମି ହେଉଥିବ । ସାଇବର ଚୋର ସଂଖ୍ୟା ବୃଦ୍ଧି ପାଉଥିବ । ସୀମିତ ବୈଷୟିକ ଜ୍ଞାନଯୁକ୍ତ ଆମ ପୋଲିସ୍ ଏମାନଙ୍କୁ ଧରିବାରେ ସକ୍ଷମ ହେଉନଥିବ । ଧରାପଡ଼ିଲେ ମଧ ତାଙ୍କ ଅଭାବ ପୂରଣ ନହେବା ଯାଏ, ତାଙ୍କ ପୂର୍ବ ବୃତ୍ତିକୁ ଯେ ନ ଫେରିବେ କିଏ ତା'ର ଗ୍ୟାରେଣ୍ଟି ଦେଇ ପାରିବ ନାହିଁ ।

ଇଣ୍ଟରନେଟ ମାଧ୍ୟମରେ ଅପରାଧ କରିବା ଖୁବ୍ ସହଜ ହେଇଗଲାଣି । ଯେଉଁମାନେ ଅପରାଧୀ ତାଙ୍କର ଅଗାଧ ଜ୍ଞାନ ଏହି ବିଷୟରେ । ଏଣୁ ଅପରାଧୀକୁ ଧରିବା କଷ୍ଟକର ବ୍ୟାପାର ହୋଇପଡୁଛି । ଲୋକଙ୍କ ବ୍ୟାଙ୍କ୍ ଆକାଉଣ୍ଟରୁ ଯାଉଥିବା ଟଙ୍କା କେତେ ଜଣ ଫେରି ପାଇଛନ୍ତି ଓ କେତେଜଣ ସାଇବର ଚୋର ଧରାପଡ଼ି ଜେଲ ଯାଇଛନ୍ତି ? କାରଣ ଏଇ ସାଇବର ଠକ ବା ଚୋରମାନଙ୍କ ବୈଷୟିକ ଜ୍ଞାନ ଆମ କର୍ମଚାରୀଙ୍କଠାରୁ ଖୁବ୍ ଅଧିକ ।

ବୈଷୟିକ ଶିକ୍ଷାଲାଭ କରିଥିବା ଯୁବକମାନଙ୍କୁ ରୋଜଗାର ମିଳିଲେ, ସିନ୍ଧିଚୋରି ଭଳି ସାଇବର ଚୋରି ମଧ ବିଲୁପ୍ତ ହେଇଯିବ, ମୋର ଦୃଢ ବିଶ୍ୱାସ । ଆଉ କିଛି ତ ରହିବେ, ଯେଉଁମାନଙ୍କ କପାଳରେ ଚୋର ହେବା କଥା ବା ଅପରାଧୀ ହେବା କଥା ଲେଖିଦିଆ ହୋଇଛି ; ସେଇମାନଙ୍କୁ ଆଇନକାନୁନ, କୋର୍ଟକଚେରୀ, ପୋଲିସ୍ ଓ ଜେଲଖାନା ମାଧମରେ ସାବାଡ଼ କରିବାକୁ ହେବ । କିନ୍ତୁ ଏହି ସଂଖ୍ୟା ନିଶ୍ଚୟ ଖୁବ୍ କମ୍ ।

# ଏକ୍ସନ କମିଟି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ ପାଳିତ



ବଲାଙ୍ଗିର, (ନିପ୍ର) : ଏକ୍ସନ କମିଟିର ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବଲାଙ୍ଗିର ସୈନିକ ଭବନ ଠାରେ କୋଶଳାଂଚଳର ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଶଳାଂଚଳର ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍ ବଲାଙ୍ଗିର ଏକ୍ସନ କମିଟିର ବରିଷ୍ଠ ସଦସ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ।

ସର୍ବ ପ୍ରଥମେ ଇଷ୍ଟଦେବୀ ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀଙ୍କୁ ପୂଜା କରାଯାଇ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟମାନେ ବିଗତ ଦିନର ଆନ୍ଦୋଳନ ବିଷୟରେ ସମୀକ୍ଷା ଓ ସଫଳତା ଉପରେ ମତ ରଖିଥିଲେ ।

ଆଗାମୀ ଦିନରେ କିଭଳି ବଲାଙ୍ଗିରର ହକ୍ ଓ ଦାବୀ ପାଇଁ ସରକାରଙ୍କ ପାଖରେ ଦାବୀ ରଖି ଦାବୀ ହାସଲ କରିବା ସହିତ ଲଢେଇ କରାଯିବ ତାହାର ସବିଶେଷ ଆଲୋଚନା କରାଯାଇଥିଲା । ଏହି ଅବସରରେ ଟେଂଟ୍ ସେବା ଯୋଗାଉଥିବା ପ୍ରେମଜିତ କୁମାରଙ୍କୁ ସମ୍ମାନିତ କରାଯାଇଥିଲା । ଏହି ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ବିକ୍ରମାନନ୍ଦ ବହିଦାର, ମଗନ ଅଗ୍ରୱାଲ, ପ୍ରତାପ ରଥ, ଗୋପାଳଜୀ ପାଣିଗ୍ରାହୀ ମଂଚାସୀନ ଥିବା ବେଳେ ଯୁବ ସଭାପତି ବିନୋଦ କାଲସାଏ ସଭା ପରିଚାଳନା କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସଂଯୋଜକ ରିଲୁ ରଥ । ଏହି କାର୍ଯ୍ୟକ୍ରମରେ ଧିରେନ୍ଦ୍ର ନାରାୟଣ ସିଂଦେଓ, ମୁନା ପଟ୍ଟନାୟକ, ସନ୍ତୋଷ ସାହୁ, ଅଶୋକ ରାଉତ, ଯଶୋବନ୍ତ ସିଂ, ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଶତପଥି, ରବି ଖମାରୀ, ରାଜେନ୍ଦ୍ର ସେଠ, ଶ୍ୟାମ ସୁନ୍ଦର ଗହିର, ଦିଲିପ ବିଶ୍ୱାଲ, ଅପ୍ରମିତ ପରିଚ୍ଛା, ବଂଟୁ ବଗର୍ତ୍ତୀ, ଅଜୟ ନାଗ, ପ୍ରତାପ ତ୍ରିପାଠୀ, ଉମେଶ ଗଡତ୍ୟା, ରମେଶ ଭୋଇ, ଅଶ୍ୱିନୀ ତାଣ୍ଡି, ରିଙ୍କୁ ବନଛୋର, ସୁନିଲ ମିଶ୍ର, ଘାସିରାମ ବେହେରା, କୃଷ୍ଣଚନ୍ଦ୍ର ପ୍ରେମ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂପାଦକୀୟ

# ପବିତ୍ରତା ଓ ବିଚାର

ପବିତ୍ରତା ଓ ବିଚାରକୁ ନେଇ ଏବେ ସମାଜରେ ନାନା ପ୍ରକାର ଯୁକ୍ତିତର୍କ ହେଉଥିବା ନଜରକୁ ଆସେ । ନାନା ପ୍ରକାର ଆବେଗକୁ ଆଧାର କରି ଚାଲାକ ଚତୁର ମୁଖାଧାରୀ ବ୍ୟକ୍ତିମାନେ ଅନ୍ୟକୁ ଠକିବାରେ ବ୍ୟସ୍ତ ଆଜିର ସମାଜରେ । ଏହି ଆଧାରରେ ବିଶିଷ୍ଟ ଲେଖକ ତୁଳସୀ ଜୈନଙ୍କ ଏକ ଲେଖାକୁ ଉଦ୍ଧୃତ କରାଯାଇପାରେ ।

ସଂପ୍ରତି ଚମତ୍କାରକୁ ନମସ୍କାର ଶବ୍ଦଟି ବେଶ୍ ଲୋକପ୍ରିୟ ହୋଇଛି । ଆଧ୍ୟାତ୍ମ-ପ୍ରବଳ ଭାରତବର୍ଷରେ ଅନେକ ତଥାକଥିତ ସାଧୁସନ୍ଥ ଚମତ୍କାର ଦେଖାଇ ସରଳ ଲୋକଙ୍କୁ ପ୍ରତାରିତ କରି ଚାଲିଛନ୍ତି । ଟଙ୍କା ପଇସା ସହିତ ସେମାନଙ୍କଠାରୁ ସମ୍ମାନ ଓ ପୂଜା ମଧ୍ୟ ସେମାନେ ଏହି ଛଳନା ମାଧ୍ୟମରେ ଆଦାୟ କରି କୋଟି କୋଟି ଟଙ୍କାର ବ୍ୟାଙ୍କ ବାଲାନ୍‌ସ ଏବଂ ବିଶାଳ ଆଶ୍ରମର ସ୍ୱାମୀତ୍ୱ ପାଇ ପାରୁଛନ୍ତି । ଜୀବନର ପବିତ୍ରତା, ଆଜି ଦ୍ୱିତୀୟ କିମ୍ବା ତୃତୀୟ ନୁହେଁ, ଅନ୍ତିମ ପଂକ୍ତିରେ ମଧ୍ୟ ସ୍ଥାନ ପାଇ ପାରୁନାହିଁ । ମସ୍ତକରେ ଶୋଭିତ ଚମତ୍କାର । ଲୋଟୁଛି ଶୁଦ୍ଧାଚାର ଓ ବିଚାର । ଏହା ଆମ ଚରିତ୍ରକୁ ଧୂମିଳ କରି ପକାଉଛି । ଶସ୍ତା ଯାଦୁଖେଳ ସାମନାରେ ପବିତ୍ର ଆଚରଣ ଅସହାୟ ଜଣାପଡୁଛି ।

ଥରେ ସନ୍ଥ ହସନ ନିଜ ସିଦ୍ଧିର ଚମତ୍କାର ପ୍ରଦର୍ଶନ କରିବାକୁ ଯାଇ ପ୍ରବହମାନ ନଦୀରେ ଆସନ ବିଛାଇ ନମାଜ ପଢ଼ିବା ପାଇଁ ପ୍ରସ୍ତୁତ ହେଲେ ଏବଂ ସାଧ୍ୱୀ ରାବିୟାଙ୍କୁ ଆମନ୍ତ୍ରିତ କଲେ । ଅହଙ୍କାର-ପ୍ରମତ୍ତ ହସନଙ୍କ ଗର୍ବକୁ ଚୂର୍‌ମାର କରିବାକୁ ଯାଇ ରାବିୟା ଅନନ୍ତ ଆକାଶରେ ନିଜର ଆସନ ବିଛାଇ କହିଲେ - 'ଏଠାକୁ ଆସନ୍ତୁ । ଏଠାରେ ମଇଳା ନାହିଁ କିମ୍ବା ଜଳୀୟ ଆର୍ଦ୍ରତା ନାହିଁ । ଶୁଦ୍ଧ ବାୟୁମଣ୍ଡଳ । ନଦୀଠାରୁ ସମ୍ଭବତଃ ବେଶୀ ଗ୍ରହଣୀୟ ହେବ ।'

ସନ୍ଥ ହସନଙ୍କ ଅଭିମାନ ଭାଙ୍ଗିଗଲା । ରାବିୟାଙ୍କ ସିଦ୍ଧି ତୁଳନାରେ ତାଙ୍କ ସିଦ୍ଧି ବାମନ ଜଣାପଡ଼ିଲା ।

ହତପ୍ରଭ ହସନଙ୍କୁ ରାବିୟା ବଡ଼ ସ୍ନେହର ସହିତ କହିଲେ – 'ହସନ ! ତୁମେ ଯାହା ଦେଖାଇଥିଲ, ତାହା ଗୋଟିଏ ମାଛ ସହଜରେ କରିଦେବ ଏବଂ ମୁଁ ଯାହା କଲି ସାମାନ୍ୟ ମାଛିଟିଏ ମଧ୍ୟ କରି ଦେଖାଇପାରେ । ଚମତ୍କାର ପ୍ରଦର୍ଶନ ଆମର ମୂଳ ଲକ୍ଷ୍ୟ ନୁହେଁ । ଆତ୍ମାର ନିର୍ମଳତା ଓ ପରମପଦ ଲଭିବା ହେଉଛି ଆମ ଜୀବନର ଏକମାତ୍ର ଉଦ୍ଦେଶ୍ୟ ।'

ହସନ ନିଜ ଭୁଲ ବୁଝିପାରି ରାବିୟାଙ୍କଠାରେ କ୍ଷମା ଭିକ୍ଷା କଲେ । ଅହଙ୍କାର ତାଙ୍କୁ କେବେ ବି ସ୍ପର୍ଶ କଲା ନାହିଁ । ଯଶ ଓ ପ୍ରତିଷ୍ଠା ବୃଦ୍ଧି ପାଇଁ ଚମତ୍କାରର ହେୟ ମାର୍ଗ ପରିତ୍ୟାଗ କରି ନିଜ ଚାରିତ୍ରିକ ଉଜ୍ଜ୍ୱଳତା ପ୍ରତି ବିଶେଷ ଯତ୍ନବାନ୍ ହେଲେ ।

# ବିଶ୍ୱ ହୃଦୟ ଦିବସରେ ବୃକ୍ଷ ରୋପଣ କରି ହୃଦୟ ଜିତିଲେ ହୃଷୀକେଶ



ଡେଲାଙ୍ଗ, (ନିପ୍ର) : ବିଶ୍ୱ ହୃଦୟ ଦିବସ ପାଳନ ଅବସରରେ ପ୍ରକୃତିବନ୍ଧୁ ଆଇନଜୀବୀ ହୃଷୀକେଶ ପାଢୀ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ନିଜ ଗ୍ରାମ ବୋଳକଣାରେ ବୃକ୍ଷ ରୋପଣ କରି ଜନସାଧାରଣଙ୍କ ହୃଦୟ ଜିତିଛନ୍ତି । ଏହି ଅବସରରେ ସେ ବୃକ୍ଷର ହୃଦୟ ଉପରେ ଗୁରୁତ୍ୱାରୋପକରି କହିଛନ୍ତି ଯଦି ଆମେ ଗୋଟିଏ ବୃକ୍ଷକୁ ରୋପଣ କରି ତାକୁ ହୃଦୟର ସହ ଭଲପାଇ ଯଥୋଚିତ ସମ୍ମାନ ଦେଇ ବଞ୍ଚାଇ ବଡ କରିପାରିବା ନିଶ୍ଚିତ ରୂପେ ପରିବେଶର ସୁରକ୍ଷା ପାଇଁ ଆମେ ପ୍ରତିବଦ୍ଧତା ରଖିପାରିବା । ବୃକ୍ଷର ହୃଦୟ ରହିଛି ଏହାକୁ ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ପଡିବ । ଯଦି ଦୈବଯୋଗରୁ ବୃକ୍ଷରେ ଫଳ ନ ଆସିଲା ତେବେ ତାର ଛାଇ ଓ ପରିବେଶ ସୁରକ୍ଷାକୁ କିଏ ନେଇପାରିବ ? ତେଣୁ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇ ତାକୁ ହୃଦୟର ସହ ଭଲପାଇ ପରିବେଶ ସୁରକ୍ଷାରେ ବ୍ରତୀ ହେବା ପାଇଁ ସବୁଜ ଡେଲାଙ୍ଗ ଟ୍ରଷ୍ଟର ଅଧ୍ୟକ୍ଷ ଆଇନଜୀବୀ ହୃଷୀକେଶ ପାଢୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

**କରୋନା ସଂକ୍ରମଣ କମିଛି । କିନ୍ତୁ ମଣିଷ ସମାଜରୁ କରୋନା ସଂପୂର୍ଣ୍ଣ ଭାବେ ହଟିନାହିଁ । ଏବେ ବି କରୋନା ସଂକ୍ରମଣ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ । ସାନିଟାଇଜର୍ ବ୍ୟବହାର କରି ମାସ୍କ ପରିଧାନ କରନ୍ତୁ । ବାରମ୍ବାର ହାତ ଧୁଅନ୍ତୁ । ସାମାଜିକ ଦୂରତା ରକ୍ଷା କରନ୍ତୁ । ନିଜକୁ ତଥା ଅନ୍ୟଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ।**

## ଅତାବିରା ଏବିଭିପି ନଗର ଶାଖା ପକ୍ଷରୁ ନୂତନ କାର୍ଯ୍ୟକାରୀ ସଦସ୍ୟ ଚୟନ



ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲାର ଅତାବିରା ଏବିଭିପି ନଗର ଶାଖା ତରଫରୁ ନଗର ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସୁବର୍ଣ୍ଣ ସମୟରେ ଅଚ୍ୟୁତ କୁମାର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏବିଭିପି ଓଡ଼ିଶା ରାଜ୍ୟ ସହସମ୍ପାଦିକା ଯାଜ୍ଞସେନି ମହାପାତ୍ର, ସମ୍ମାନିତ ଅତିଥି ଭାବେ ବରଗଡ଼ ନଗର ଛାତ୍ରୀ ପ୍ରମୁଖ ଅନୁପମା ସେଠ ଓ ଅତାବିରା ନଗର ଉପସଭାପତି ବିଜୟ ପ୍ରଧାନ, ମୁଖ୍ୟବକ୍ତା ଭାବେ ଏବିଭିପି ସମ୍ବଲପୁର ବିଭାଗ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଉପସ୍ଥିତ ରହି ନୂତନ କାର୍ଯ୍ୟକାରିଣୀ ସଦସ୍ୟ ଚୟନ କଲେ ଓ ରାମକୃଷ୍ଣ ସାହୁଙ୍କୁ ନଗର ସଭାପତି ଭାବେ ଦାୟିତ୍ୱ ଦେବା ସହ ବିଜୟ ପ୍ରଧାନଙ୍କୁ ନଗର ଉପସଭାପତିର ଦାୟିତ୍ୱ ଦେଇଛନ୍ତି । ନଗର ସମ୍ପାଦକ ଭାବେ କାର୍ତ୍ତୀକ ବେହେରା, ନଗର ସହସମ୍ପାଦକ ଭାବେ ହୃଷୀକେଶ ରଥ, ନଗର ଗଣମାଧ୍ୟମ ସଂଯୋଜକଭାବେ ପ୍ରୀୟଦତ୍ତ ସ୍ୱାଇଁ, ଏସ୍ଏଫ୍ ଡି ପ୍ରମୁଖ ଭାବେ ଆଶୁତୋଷ ବିଶ୍ୱାଲ, ଏସଏଫ୍ଏସ ପ୍ରମୁଖ ଭାବେ ସୁଶାନ୍ତ ବାଗ, ପବ୍ଲିକ ରେଲେସନ୍ ସଂଯୋଜକ ଭାବେ ଅଶୋକ ଭୋଇ, ଜନଜାତି ପ୍ରମୁଖ ଭାବେ ସଞ୍ଜୀୟ ବିଶ୍ୱାଲ, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ଭାବେ ଶାଳିନୀ ସ୍ୱାଇଁ, ଷ୍ଟଡି ସାର୍କିଲ ପ୍ରମୁଖ ଭାବେ ରୋଷନ ପଧାନ ଓ ଛାତ୍ର ସନ୍ଦେଶ ପ୍ରମୁଖ ଭାବେ ଅମର ସାହାନୀ ନୂତନ ଭାବେ ଦାୟିତ୍ୱ ପାଇଛନ୍ତି ।

## ଅମ୍ବାପାଲି ନିକଟରେ ଯୁବକଙ୍କୁ ଗଳା କାଟି ହତ୍ୟା



ବରଗଡ଼, (ନିପ୍ର) : ବରଗଡ଼ ସହର ଉପକଣ୍ଠ ଅମ୍ବାପାଲି ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ନୃଶଂସ ହତ୍ୟାକାଣ୍ଡ ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି । ଦୁର୍ବୃତ୍ତମାନେ କୌଣସି ଧାରୁଆ ଅସ୍ତ୍ରରେ ଜଣେ ଯୁବକଙ୍କ ଗଳା କାଟି ହତ୍ୟା କରିଛନ୍ତି । ମୃତ ଯୁବକ ଜଣକ ଅତାବିରାର ଏମ୍ଡି କଶିମ(୨୫) ବୋଲି ଜଣାପଡିଛି । ପାଖରେ ଏକ ପଲସର୍ ବାଇକ(ଓଡି୧୫ଏ ୧୦୩୧) ପଡିଛି । ଆଜି ସକାଳୁ ଖବର ପାଇବା ପରେ ବରଗଡ଼ ଏସ୍ଡିପିଓ ଦୀପକ କୁମାର ଗୋଛାୟତ, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚ ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାଟି ବରଗଡରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

## ନିମ୍ନମାନର ଉନ୍ନୟନମୂଳକ କାର୍ଯ୍ୟରେ ଅତିଷ୍ଟ ଘୁଚାପାଲି ଗ୍ରାମବାସୀଙ୍କ ବ୍ଲକ କାର୍ଯ୍ୟାଳୟ ଘେରାଉ



ଖପ୍ରାଖୋଲ, (ନିପ୍ର) : ରାଜ୍ୟରେ ଭିତ୍ତିଭୂମି ବିକାଶ ତଥା ରାସ୍ତା ନିର୍ମାଣ ପାଇଁ ଓଡିଶା ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ତଥାପି କିଛି ସମ୍ପୃକ୍ତ ଅଧିକାରୀ ଏବଂ ଠିକାଦାରଙ୍କ ବେଆଇନ କାମ ଯୋଗୁଁ ଲୋକମାନେ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତେଲେନପାଲି ପଞ୍ଚାୟତର ଘୁଚାପାଲି ଗ୍ରାମରେ ରାସ୍ତାର ଦୁର୍ନୀତିର ଆଉ ଏକ ଜ୍ୱଳନ୍ତ ଉଦାହରଣ ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଘୁଚାପାଲି ଗ୍ରାମରୁ ଭିରକୁପଡା, ତେଲେନପାଲିରୁ ଘୁଚାପାଲି ଓ ଘୁଚାପାଲିରୁ ଫଲସାପଡା ରାସ୍ତା ଉନ୍ନତିକରଣରେ ଅନିୟମିତତା ହୋଇଥିବା ନେଇ ଗତକାଲି ଘୁଚାପାଲି ଗ୍ରାମବାସୀ ବ୍ଲକ ପ୍ରଶାସନକୁ ଘେରାଉ କରିବା ପାଇଁ ଆସିଥିବା ଜଣାପଡିଛି । ଅଭିଯୋଗ ଅନୁଯାୟୀ ରାସ୍ତା ଉନ୍ନତିକରଣ କାମ ନିମ୍ନମାନର ହୋଇଥିବା ଯୋଗୁଁ ଗ୍ରାମବାସୀମାନେ ଦୈନନ୍ଦିନ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ଘୁଚାପାଲି ଗ୍ରାମବାସୀ ତେଲେନପାଲି ଉପରେ ସବୁବେଳେ ନିର୍ଭର କରୁଥିବା ଯୋଗୁଁ ସେମାନଙ୍କ ପାଇଁ ଘୁଚାପାଲି-ତେଲେନପାଲି ରାସ୍ତା ଏକ ମୁଖ୍ୟ ମାଧ୍ୟମରେ ପରିଣତ ହୋଇଅଛି, ଏହା ସହିତ ବର୍ଷା ଯୋଗୁଁ ରାସ୍ତାଟି କାଦୁଅରେ ଭରିଯାଇ ଶୋଚନୀୟ ହୋଇପଡିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିବା ନିମନ୍ତେ ଖପ୍ରାଖୋଲ ବିଡ଼ିଓଙ୍କ ପାଖକୁ ଆସିବା ସହିତ ଉକ୍ତ ରାସ୍ତାଗୁଡିକରେ ହୋଇଥିବା ଦୁର୍ନୀତିର ତଦନ୍ତ କରି ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି ।

## ବାସୁଦେବପୁର ଜନକଲ୍ୟାଣ ସମିତିର ଇରମ ସହିଦ ଦିବସ ପାଳିତ



ରାଉରକେଲା, (ନିପ୍ର) : ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ବାସୁଦେବପୁର ଜନକଲ୍ୟାଣ ସମିତି ଆନୁକୂଲ୍ୟରେ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରଠାରେ ଇରମ ସହିଦ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଡ. ରବିନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଓ ସାଧାରଣ ସଂପାଦକ ଲକ୍ଷ୍ମଣନାଥ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ମିଶନ ନିର୍ଦ୍ଦେଶକ ଡା. ଲଲାଟ ଇନ୍ଦୁ ଆଚାର୍ଯ୍ୟ ମୁଖ୍ୟ ଅତିଥି, ରାଉରକେଲା ସ୍ୱତନ୍ତ୍ର କାରାଗାରର ଜେଲର ନିରାକାର ପାଢୀ ସମ୍ମାନିତ ଅତିଥି, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ରାଜୀବ ପାଣି ମୁଖ୍ୟବକ୍ତା ଓ ପ୍ରଧାପକ ଭବେଶ ଚନ୍ଦ୍ର ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସହିଦଙ୍କ ଉଦ୍ଦେଶ୍ୟରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସଂପର୍କରେ ସ୍ମୃତି ଚାରଣ କରିଥିଲେ । ପ୍ରାରମ୍ଭରେ ରମାକାନ୍ତ ବେହେରା ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ଅନୁଷ୍ଠାନର ସଂପାଦକ ବିବେକାନନ୍ଦ ପଣ୍ଡା ଏଥିରେ ସହଯୋଗ କରିଥିଲେ । ଅତିଥିମାନେ ଇରମ ସହିଦ ସ୍ମୃତି ଦିବସ ପାଳନର ଆବଶ୍ୟକତା ଓ ସେ ସଂପର୍କରେ ଚମତ୍କାର ତଥ୍ୟ ଉପସ୍ଥାପନ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଡାକରାରେ ଭାରତଛାଡ ଆନ୍ଦୋଳନରେ ଭାଗନେଇ ୧୯୪୨ ମସିହା ସେପ୍ଟେମ୍ବର ମାସ ୨୮ତାରିଖ ଦିନ ଇଂରେଜ ଫୌଜଙ୍କ ଗୁଳିରେ ପ୍ରାଣବଳି ଦେଇଥିବା ୨୯ ଜଣଙ୍କ ସହିତ ତଥା ଗତ ଏକବର୍ଷ ମଧ୍ୟରେ ପରଲୋକଗତ ହୋଇଥିବା ଅନୁଷ୍ଠାନର ସଭ୍ୟ ବିଜୟରାମ ମହାପାତ୍ର, ଅମୂଲ୍ୟ କୁମାର ମହାପାତ୍ର, ନିରୋଦ କୁମାର ମହାନ୍ତି, କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ପ୍ରଫେସର ପର୍ଶୁରାମ ପଣ୍ଡା, ପ୍ରାକ୍ତନ ସଭାପତି ଯଦୁନାଥ ଦାସ, ଶ୍ରମିକ ନେତା ବନମାଳି ଧୁପାଳ, ପ୍ରତିମା ପାଢୀ, ଅଭିଷେକ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜୟଶ୍ରୀ ପ୍ରିୟଦର୍ଶନୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜକୁମାର ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଦେଶାତ୍ମକବୋଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସର୍ବଶ୍ରୀ କିଶୋରୀ ମୋହନ କର, ରଶ୍ମି ସାହୁ, ସ୍ନେହଲତା ପଟ୍ଟନାୟକ, କୁଞ୍ଜବିହାରୀ ରାଉତ, ରାଜୀବ ପାଣି, ସୁକାନ୍ତ କୁମାର ନାୟକ, ଅଶୋକ କୁମାର ପଟ୍ଟନାୟକ, ଅଭିରାମ ପ୍ରଧାନ, ମୀନକେତନ ପଶାୟତ, ଗଦାଧର ରଥ ଓ ସୁସ୍ମିତା ମହାପାତ୍ର ପ୍ରମୁଖ କବିତା ପାଠ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଉଦୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ରାମଚନ୍ଦ୍ର ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଲୋକନାଥ ରଣା ନିଖୋଜ ମାମଲା : ହତ୍ୟା ଆଶଙ୍କା, ସାନ ଭାଇ ଥାନାରେ ଅଟକ



ବୌଦ୍ଧ, (ନିପ୍ର) : କଣ୍ଟାମାଳ ବ୍ଲକ ଘଣ୍ଟାପଡା ଫାଣ୍ଡି ଅଧିନ କୁଲୁତାଜୋର୍ ପଞ୍ଚାୟତ ଦେଉଳୀ ଗ୍ରାମର ଲୋକନାଥ ରଣା (୩୦) ଗତ ୧୨ ତାରିଖ ସନ୍ଧ୍ୟାରୁ ଘରୁ କେଉଁ ଆଡେ ଗଲେ ଆଉ ଫେରି ନଥିଲେ । ପରିବାର ଲୋକେ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ନ ପାଇବାରୁ ନିଖୋଜ ବିଷୟରେ ପିତା ତ୍ରିଲୋଚନ ରଣା ୨୦ ତାରିଖ ଦିନ ଘଣ୍ଟାପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ୍ ଡେରିରେ ଅଭିଯୋଗ ପାଇଥିଲେ ମଧ୍ୟ ଏ ସମ୍ପର୍କରେ ଅନୁସନ୍ଧାନ କରୁଥିବା ବେଳେ କୌଣସି ସୂତ୍ରରୁ ହତ୍ୟା ହୋଇଥିବା ସଂପର୍କରେ ଖବର ପାଇ ଲୋକନାଥ ରଣାଙ୍କ ସାନ ଭାଇ ଡୋଳାମଣୀ ରଣା (୨୫)ଙ୍କୁ ଫାଣ୍ଡିକୁ ଆଣି ପଚରା ଉଚୁରା ଜାରି ରଖିଛି । ସୂଚନା ଅନୁଯାୟୀ ପରିବାରର ସମସ୍ତେ ମିଳିମିଶି ରହୁଥିବା ବେଳେ ଲୋକନାଥ ଅଲଗା ରହିବା ସହ ସବୁବେଳେ ନିଶା ସେବନ କରି ଘରେ ଗାଳି ଝଗଡା କରୁଥିଲା । ନବାନ୍ନ ଦିନ ପରିବାରର ସମସ୍ତ ସଦସ୍ୟ ମିଶି ଏକତ୍ର ନୂଆଁଖାଇ ପାଳନ କରିଥିଲେ । ନୂଆଁଖାଇ ବାସୀ ଦିନ ଅର୍ଥାତ ଘଟଣା ଦିନ ମଧ୍ୟ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା । ଫଳରେ ଡୋଳାମଣି ରଣା ବଡ ଭାଇଙ୍କୁ ହତ୍ୟା କରି ମୃତ ଦେହରେ ପଥର ବାନ୍ଧି ବରପଦର ନିକଟ ତେଲନଦୀରେ ପକାଇ ଦେଇଥିବା ପୋଲିସକୁ ସୂଚନା ଦେଇଛି । ଡୋଳାମଣୀର ବୟାନ ଆଧାରରେ ବୁଧବାର ବୌଦ୍ଧ ଏସଡିପିଓଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗ, ଓଡ୍ରାଫ ଟିମ ଏବଂ କଣ୍ଟାମାଳ ଓ ଘଣ୍ଟାପଡା ପୋଲିସ ନିର୍ଦ୍ଧାରିତ ସ୍ଥାନକୁ ଯାଇ ପାଓ୍ୱାରବୋର୍ଟ ସାହାଯ୍ୟରେ ଅନୁସନ୍ଧାନ ଚଲାଇଥିଲେ ବି କୌଣସି ସୁରାକ ପାଇପାରି ନଥିଲେ । କିନ୍ତୁ ବାପା ପୁଅ ଲୋକନାଥର ହତ୍ୟା କରାଯାଇଥିବା ବିଷୟକୁ ଅସ୍ୱୀକାର କରିଛନ୍ତି । ଘଟଣା ବିଷୟରେ ତଦନ୍ତ ଜାରିଥିବା ତଦନ୍ତକାରୀ ଅଧିକାରୀ ପ୍ରଶାନ୍ତ ମଲିକ ସୂଚନା ଦେଇଛନ୍ତି ।

## ବିଶିଷ୍ଟ ବ୍ୟବସାୟୀ ତଥା ମିନର୍ଭା ଗ୍ରୁପ୍ର ମାଲିକ ସୁରେନ୍ଦ୍ର ମେହେରଙ୍କ ଦେହାନ୍ତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସ୍ଥାନୀୟ ଜଗନ୍ନାଥପଡା ମିନର୍ଭା ଗ୍ରୁପ୍ର ମାଲିକ ସୁରେନ୍ଦ୍ର ମେହେର(୭୪)ଙ୍କଦେହାନ୍ତ ହୋଇଯାଇଥିବା ସୂଚନା ମିଳିଛି । ଗତ କିଛିଦିନ ହେଲା ସେ ରୋଗରେ ପୀଡିତ ହୋଇ ରାଇପୁରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ବଲାଙ୍ଗିର ଜଗନ୍ନାଥପଡାରେ ଶୋକର ଛାୟା ଖେଳିଯାଇଛି ।

## ଓଡ଼ିଶା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ



କନ୍ଧମାଳ, (ନିପ୍ର) : ଓଡ଼ିଶା ଉତ୍କଳ ସାମ୍ବାଦିକ ସଂଘର ଦ୍ୱିଦିବସୀୟ ରାଜ୍ୟ ସ୍ତରୀୟ ସମ୍ମିଳନୀ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଦାରିଙ୍ଗବାଡିଠାରେ ଅନୁଷ୍ଠିତ ହୋଇଯାଇଅଛି । ସେପ୍ଟେମ୍ବର ୨୯ ଓ ୩୦ ତାରିଖ ଦିନ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଥମ ଦିନରେ ସଂଘର ସଦସ୍ୟମାନେ ସ୍ଥାନୀୟ ଦର୍ଶନୀୟ ସ୍ଥାନ ଭ୍ରମଣ କରିଥିବା ବେଳେ ରାତିରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦ୍ୱିତୀୟ ଦିବସରେ ସମ୍ମିଳନୀ ସଭା କାର୍ଯ୍ୟ ଆୟୋଜନ ହୋଇଛି । ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରିକା, ସମ୍ମାନିତ ଅତିଥି ଭାବେ ବାଲିଗୁଡା ପୂର୍ବତନ ବିଧାୟକ ରାଜୀବ ପାତ୍ର, ମୁଖ୍ୟବକ୍ତା ଭାବେ ଜି.ଉଦୟଗିରି ବିଧାୟକ ସାଲୁଜା ପଧାନ ଯୋଗ ଦେଇଛନ୍ତି ।

କାର୍ଯ୍ୟକ୍ରମ ଅବସରରେ ସାରା ଓଡ଼ିଶାର ଶତାଧିକ ସାମ୍ବାଦିକ ଯୋଗ ଦେଇଥିବା ବେଳେ ସମସ୍ତ ଜିଲ୍ଲାର ସଭାପତିମାନଙ୍କୁ ସମ୍ମାନୀତ କରାଯାଇଛି ।

# ମୁନୁଷ୍‌ର କପାଲ୍

କଥାନୀ



ପ୍ରହଲ୍ଲାଦ ମହାରଣା

ଖେତ୍ କେ ଯାଇଥିବା ଧର୍‌ସା ଉପରେ ଗାଏ ଦାମୁର ହୁଦାହୁଦା ଲମ୍‌ଲେ ନ’ । ପାଚ୍‌ଲା ଧାନ ଦାଏବାର ଲାଗି ଦା’ ପତ୍‌ରେ ପତ୍‌ରେ ହାତେ ଧରି ଧର୍‌ସା ଥି ଆଘ ପଛ ହେଇକରି ଲୋକ ଲମିଁଛନ । ବନେକରି ଓସ ଘାସପତରୁ ନେଇଁ ଛାଡ଼େ । ଆଘେ ବାହାରିଥିବାର ଲୋକ ଡୁଲି ଭିତର କେ ସମିଁ ଦୁଇ ଚାଏର ପେଟା ଧାନ ଦାଏଲେ ନ’ । ଆର କେତେ ବଗ ବସା ଧାନ ଡୁଲି ଥି ଗୁପି ଜାଇଥିବାର ଧାନ୍ କେ ଅଡ଼ା ମାରୁଛନ । ଲୁହି କରି ଧାନ ଦାଏଲା ବେଲ କେ ପିଠି ଖରା ବାଜଲେ ଗଲେ କାକର ମାଡ଼େ ଡେବରି ହାତ ମରି ଜଉଛେ । ଗୁଟାମୁଟା ଏତକି ବେଲ୍‌କେ ଖରାଟା ସିତର ଆଘେ ହୁମ୍‌ଡ଼େଇ ପଡ଼ିଛେ ବାଗିର ଲାଗୁଛେ ।

ଏନତା ଗୁଟେ ସିତର ବତରେ ବଲିସ୍‌ଟ ଗାଁ କେ ଆସିଛେ । ମାଁ ବୁଆର ଗୁଟେ ବଲି ପିଲା । ତା’ର ମାଁବୁଆ ଟାଟାର ଲୁହା କାରଖାନାଥିଁ ନଉକରି କରୁଛନ । ବଲିସ୍‌ଟ ହେନେ ରହେସି । ମଝି ମଝି କେନ୍ ବଛରେ କେଭେ ଥରେ ଅଧେ ଗାଁ କେ ଆଏସି । ତାକର ଜମିନ୍‌ବାଡ଼ି ସବୁ ତାର କକା ସମ୍‌ହାଲିଛେ । ତାର କକା ବଛରକର ଚଉଲ କରିଦେସି । ଜେନ୍ ବଛରେ ବଲିସ୍‌ଟ ଗାଁ କେ ଆସିଥିବା ଚଉଲ ନେଇକରି ଜାଏସି । ହେଲେ ବଲିସ୍‌ଟ ଇ’ଥର ଗାଁ କେ ଦୁସ୍‌ରା କବାରେ ଆସିଛେ । ମାଁବୁଆର ନଉକରି ଆର ବଛର ଚାରେ ଅଛେ । ଗାଁ ଥି ଘର ବଖରେ ବନାବାର ଲାଗି ବଲିସ୍‌ଟ ଆସିଛେ । ତାର କକା କହେଲା – ‘ହଏ ବୋ’ ବଲିସ୍‌ଟ, ତମେ ପରେ ଟାଟା ଥି ରହେବ ! ସେ ନ ତ’ ଘର୍ ଦୁଆର ବନେଇ ସାର୍‌ଲ ନ’ ଆର ଇ ଗାଁ ଥି ଛୁଚା ମାହାଲିଆ କେ କାଏଁ ଜେ ଘର ବନାବ ।’ ବଲିସ୍‌ଟ କହେଲା – ‘ପଏସା ଗୁର୍‌ଦୁ ଅଛେ, ପଏସା କେ ଏନ୍‌ତା କରି ନେଇଁ ରଖଲେ ଆମକୁ ଇନ୍‌କମ୍ ଟେକ୍ସ ପଡ଼ବା । ଆର ଗାଁଥି ଘର ଟେ ଥିଲେ କାଏଁ ଉବାଟେ ଜିବା । ହେଥିର ଲାଗି ମୋର ବା’ ମତେ ପଠେଇଛେ । ମୁଇଁ ଇ’ ନ ଘର ବନାମିଁ ।’ କକା କହେଲା– ‘ଘର ତ ବନାବୁରେ ବାବୁ, କାଏଁ ହେଲା ଜେ ତୁଇ ଇ’ ନ ଘରବନା କାଜେ ମାସ ମାସ ଧରି ଘାଁଟି ହେବୁ କହତ ? ଘର ବନାବାର କାଜେ ଠିକା ଦେଇ ଦେଲେ ତ’ ତାର ସୁକେ ଘର ହେଇଜିବା ।’

– ହଁ, ଇ’ଟା ମୋର କାକି କହିଥିବେ । ଇ’ ଦୁଇ ଚାଏର ଦିନ ତମର ଘରେ ରହେଲିଁ ନ ଜେ... ରାଁଧିବାଢ଼ି କରି ନେଇଁ ଦେଲେ ନେଇଁ ଦେବ ପଛେ ଆର ଘର ଠିକା ଦେବାର କଥା କାଏଁଜେ ମୋର କାକି କହୁଛନ । ମୁଇଁ କାଏଁ ଦୁଇ ଚାଏର ଦିନ ରହେମିଁ ? ଗୁଟାମୁଟା ଛ’ ମାସ ରହେମିଁ । ରଁଧାବଢ଼ା କରମିଁ ନେହେତ ହୁଟେଲ ନ ଖାଏମିଁ । ଆର କାଣାଁ ସବୁଦିନ ତମର ଘରେ ଖଉଥିମିଁ ?

– ହଏରେ ବାବୁ ! ତୋର କକା ତତେ କେଭେ କଟୁ କଥା ପଦେ କହିଛେ ? ତୋର ଭଲମଁଦ ହାନିଲାଭ ବୁଝବାର ଲାଗି କେଭେ ପଛକେ ଘୁଚିଛେ ? ତୋର କାକି କାଣାଁ କହିଦେଲା ଜେ ତୁଇ କେତେ ଭିତର କେ ପଲେଇ ଜଉଛୁ ! ମୋର ମୁହୁଁ ନୁଁ କାଣାଁ କଥା ବାହାର୍‌ଲା ନ’ ।’

ବଲିସ୍‌ଟର ମନ କେ ନେଇଁ ଆସଲା କକାର କଥା ।

– କକା ତମେ କଥାଟାକେ ଗୁଁଦଲେଇ ଦଉଛ କାଏଁ ନ’, ମୁଇଁ ଠିକ୍ ବୁଝିଛେଁ ।

କକାର ମନ୍‌ଟା ଦୁଖ ହେଇଗଲା । – ବାବୁରେ ! ସହର ଆର ଗାଁ ଭିତରେ ଜେନ୍ ଫରକ୍‌ଟା ଅଛେ, ସେଟା ତୁଇ ଏକା ଆଏଜ ଦେଖାଲୁ । ତୁଇ ହଟେଲ କେ ଜିବୁ କି ରାଁଧି ଖାଏବୁ, ମାନ୍ ଟା କା’ର ତଲେ ପଡ଼ବା ? ତୋର ବାପର କି ମୋର ? ତୁଇ ମତେ ଦେଖବୁ କି ତୋର କାକି କେ ଦେଖିବୁ ? ତୋର ଲାଗି ମୋର ଛାତି ଭିତରେ ଜେନ୍ ଭାବ୍‌ଟେ ଅଛେ, ମୋର ଜେନ କକାପନ୍‌ଟେ ଅଛେ ତାହାକେ ହାତୁ ମୁଇଁ ବୁଚଡ଼େଇ ଦେମିଁ ?

ବଲିସ୍‌ଟ କଥାଟା ବୁଝଲା ଆର ଘରେ ଖୁଆପିଆ କଲା । ତାର ଆର୍‌କ ଦିନେ ଜାଇକରି ବାଏଲ, ଇଟା, ପଥର, ଗେଟି ଆନିକରି ପକାଲା । ଘରବନା କାମଧାମ ଜୋର୍‌ଦାର ଚାଲିଛେ । ସବୁ କାମଧାମ ବଲିସ୍‌ଟ ବୁଝାସୁଛା କରୁଛେ । ଦିନେ ସଖାଲୁ ଉଠିକରି ନଏଦ୍ ଖଁଡ଼ି କେ ଜାଇଥିବା ଚାଲ୍‌ତି ବାଟେ ସନ୍‌ତୋସର ନଲିଆ ବଁଧା ଡ଼େଗି କରି ଗଲା । ନଏଦ ଖଁଡ଼ି ଛନେ ବସ୍‌ଲା । ନଦିର ପାଏନ ଏକଦମ ପରଛା ଦିସୁଛେ । ପଏସା ପଡ଼ିଥିଲେ ବେଟି ଆନିହେବା । ପାଏନ କେ ଦେଖୁଛେ ବଲିସ୍‌ଟ ପାଏନ ଜେନତା ଉହୁଲି ଜଉଛେ, ବଲିସ୍‌ଟର ମନ ଟା ହେନ୍‌ତା ପାନିର ସାଁଗେ କେତେ କଥା ଉହୁଲି ଉହୁଲି ଜଉଛେ । ଉଠିକରି ଡ଼େବରି ଆଡ଼କେ ଦେଖଲା, ଝନାକେତେ ଗରିଆ ମଠିଆ ଧରି କରି ପାଏନ ବୁଡ଼େଇ ଆଉଛନ । ଆର ଘାଏ ବସି ପଡ଼ଲା । ଭୁଆସେନ ମନେ ନଦିର ଘାଟେ ପାଏନ ବୁଡ଼ାଲେ । ସେସେ ଜେନ୍ ଭୁଆସେନଟା ପାଏନ ବୁଡ଼ାଲା, ଧୋବ ସାଢ଼ି ଗୁଟେ ପିଁଧିଛେ । ଧୋବ ସାଢ଼ି ଭିତରୁ କେତେବେଲେ ହାତ ବାହାର କରି ଗରିଆ ବୁଡ଼ାଲା, ବଲିସ୍‌ଟ ନିଘାକଲା ତାର ହାତେ ଚୁରି ନେଇଁନ । କପାଲେ ସେଁଦୁର ଚିନ୍‌ହା ନେଇଁନ । ଲୁଭନିକେ ଦେଖିକରି ବଲିସ୍‌ଟର ଜିବନର ଡଁଗା ପାଏନ ଥି ମନର ଡଁଗା ଉପ୍‌ଲୁଥିଲା । ଏଖେଇ ଖରାର ମାଡ଼େ ସବୁ ଉସର ଟଁଟି ସୁଖିଗଲା । ଜଲି ଜଲି ଜୁଏ ଖପି ଜାଇଥିଲେ ଗଲେ ଖାରଗଦା ନ ଟିକେ ଜୁଏ ଥିଲେ ପବନ ଥି ଚାର୍‌ହିଆଡ଼େ ବିଖ୍‌ରି ଜାଏସି । ହେନ୍‌ତା ବିଖ୍‌ରି ଗଲା ବଲିସ୍‌ଟର ମନ । ଆର ଦିନେ ବଲିସ୍‌ଟ ନଏଦ ଖଁଡ଼କେ ଗଲା । ସେନୁଁ ଘୁଚି ଆସିକରି ଭୁଏ ଘରର ଖଲା ନ ସେରସୁଆଁ ଗଛ ତଲେ ଅଦଲେଇ ହେଇ ବସିଛେ । ଭାବୁଛେ – ଟାଟା ନ ଥିଲା ବେଲ୍ କେ ଝକ୍‌ମକ୍ ସାଢ଼ି ପିଁଧା, ପେଁଟକୁର୍‌ତା ପିଁଧା କିସମ୍ କିସମ୍ ଟୁକେଲ ଦେଖୁଛେ । ହେଲେ ଏନତା ଗୁଟେ ଟୁକେଲ ନେଇଁ ଦେଖିଥାଇଁ । ଜେ ଦେଖବା ଲୁଭନି କେ, ତାର ଗଜା ବଏସ କେ ଲୁଭେଇ ଜିବା । କବିର ଆଏଁଖ ପଡ଼ଲେ ଲେଖି ଲେଖି କଲମ ବୁଥା ହେଇଜିବା । ଲୁଭନି ଜୁରା ଗରିଆ ପାଏନ ବୁହିକରି ଆସୁଛେ । ବଲିସ୍‌ଟ କେତେବେଲୁ ଛିନା ଜାଗା ଦେଖି ଲୁଭ୍‌ନିର ବାଟ ଦେଖୁଛେ । ଲୁଭ୍‌ନି ବଲିସ୍‌ଟର ପାସକେ ଜେନ୍‌ତା ଆଏଲା ତାର ପାହାଟା ଥଚୋମଚୋ ହେଇ ପଡ଼ଲା ।

ଏନ୍‌ତା କରି କେତେ ଦିନ କିଁଦରି ଜାଇଛେ । ଆର ଦିନେ ଲୁଭ୍‌ନି ଆସୁଛେ । ବଲିସ୍‌ଟ ଟାକିଛେ ଗଛତଲେ । ତା’ର ପାସ୍‌କେ ଆସଲା ତାର ପାହାଟା ଛନେ ଅଟକିଗଲା । ବଲିସ୍‌ଟର ମନ ଭିତରେ ଜେତକି କଥା ଉକ୍‌ବୁକଉଥିଲା ଉଦ୍‌ଗାରି ପକାଲା । ଲୁଭ୍‌ନି ମୁହୁଁମୁରି କରି ଫିରେଇ ଦେଲା । ସେଦିନୁଁ ସେ ଗଛ ତଲେ, ସେ ଭୁଏଘରର ଖଲା ନ’, ହେନତା ବସିକରି ଲୁଭ୍‌ନି କେ ଦେଖସି । ସେ ନ’ ଲୁଭ୍‌ନିର ପାହା ଛନେ ଅଟକି ଜାଏସି । ସିତ କାକର ବର୍‌ସା ଆସୁଛେ ଜଉଛେ ବର୍‌ସେ ହେଲା ନ’ ।

ବଲିସ୍‌ଟ ଦିନେ ଲୁଭ୍‌ନିକେ କଥାଟେ କହେଲା । ଲୁଭନିର ପାହା ଅଟ୍‌କିଲା । ଚଏଁଢ଼ ଥି ଧାରେ ଧାରେ ହଁସି ଲାଜେ ଝୁଲ୍‌ଲା । ବଲିସ୍‌ଟର ଉସାର ପିସାର ହେଲା ମନ୍‌ଟା । ଆର ଅଟକି ଅଟକି କଥା କହେଲା–

– ତମ୍‌କୁ ଗୁଟେ ବଛର ହେଲା ନ’ କହୁଛେଁ, ଗୁଟେ ବାଟେ ଚାଲ୍‌ମାଁ । ତମେ ବାଟ ବଦଲେଇ ଦଉଛ । ସମାଜର ନିତିନିଅମ କେ ଆଦରି କରି ତମେ କାଣାଁ ସରଗ୍ କେ ଜିବ ? ମୁଇଁ ତ ତମକୁ ଲୁକେଇ ଚୁରେଇ ନେବାର ଲାଗି ଦିନେ ଗଲେ ନେଇଁ କହି ? ଇ ପୁରଥି ନ ଝନକର ଲାଗି ଝନେ ଜିଁସି କାଏଁ ? ଏତକି ସୁଁଦର ଜିବନ କାଦୋଥି କାଏଁଜେ କୁହି ଜିବା । ଲୁଭ୍‌ନି କହେଲା – ଆର ଥରେ ମୁଇଁ ବିହା ହେଲେ, ଇ ସମାଜ ଥି ମୁଡ଼ ଟେକିକରି ଚାଲି ପାର୍‌ମିଁ ? ମୋର ଆଘେ ତମେ ଜେନ ମନର ନୁକୋ ବିଚାର ଟେ ଥୁଇଛ, ହେଟା ମତେ ପସଁଦ ନାଇଁ । ବଲିସ୍‌ଟ କହେଲା – ‘‘ମୋର ଭାବନା କେ ତମେ ଖାଲି ଏକ୍ ଧର୍‌ସିଆ ବୁଝୁଛ । ମୋର ହୁରୁଦ୍ କେ ବୁଝି ନେଇଁ ପାରବାର ।’’ ଲୁଭ୍‌ନି କହେଲା – ‘‘ତମେ ମତେ ଗୁଟେ କଥା କହିପାର୍‌ବ, ଗୁଟେ ବଛର ତକ ତମେ ଅଁଧା ହେଇକରି ରହିପାର୍‌ବ ? ଆଏଁଖ ନେଇଁ ଦିସୁଥିଲେ ଗଲେ, ନେଇଁ ଦିସବାର ରକମ୍‌ଟେ କର । ଜଦି ଏତ୍‌କି କରି ପାର୍‌ବ ବଏଲେ ହେତକର ମୁଇଁ ତମର ହେଇଜିମିଁ, ଇଥି ଆର କିଛୁ କଥା ନେଇଁତ ।’’ ଲୁଭନିର କଥା ସୁନିକରି ବଲିସ୍‌ଟର ମନର ଜାଉଁମରା ଡଁଗର ଥି ସାଗୁଆ ଘାଁସ ପତର ପାଆଁଲିଗଲା । ଲୁଭ୍‌ନି ସିନା ମନେ ମନେ ଭାବୁଛେ – ବଲିସ୍‌ଟ ଇ’ ପରିଖିଆ ଥିଁ ପାସ ନେଇଁ କରିପାରେ ! ହେଲେ ବଲିସ୍‌ଟ ସବୁ କଥାକେ ପାସରି କରି ପାଏବାର ଆସାଟେ ଝଲଝଲେଇ ଗଲା ନ’ ତାର ଆଏଁଖ ଥି । ବଲିସ୍‌ଟ ଭାବୁଛେ – ଇ’ଟା ତ’ ଗୁଟେ ପାଏବାର ଆସା ଭିତରେ ମନଟା ବାଁଧି ନେଇଁ ହେଇ । ଇତାର ଭିତରେ ମଲା ଜିବନଟା କେ ବଁଚବାର ଲାଗି ତାର ଉପରେ ନୁଆଁ କାମ ଟେ କରବାର ଲାଗି ମୁଇଁ ତ ଭାବୁଛେଁ ଆର ସେ ବାଟେ ଲୁଭନି କେ ଚଲାବାର କେ ପଡ଼ବା । ମତେ ଚାଲବାର କେ ପଡ଼ବା । ଅଁଧାର ହେବାର ନାଟକ ଆରମ କରି ଦେଲା ବଲିସ୍‌ଟ ।

ଘର କେ ଆସଲା କେ ତାର କକାକାକି କାଣାଁ ହେଲା ବଲି ପଚ୍‌ରାଲେ । ବଲିସ୍‌ଟ କିଛୁ ନେଇଁ କହେଲା । ମୋର ଆଏଁଖ ଖାଲି ଝଲଝଲଉଛେ ବଲି କହେଲା । ଏନତା କଥା ସୁନ୍‌ଲା କେ ତାର କକା ସାଏକଲ୍ ଟେ ବାହାର କରି ପାସର ଡାକଘର କେ ଗଲା ଆର ତାର ଦଦା କେ ଟେଲିଗାରାମ କଲା । ବଲିସ୍‌ଟର ବା’ ଆର ମାଁ ଦବଡ଼ିଲା ବାଗିର ଭାଗି ଆସଲେ । ଦେଖଲେ ବଲିସ୍‌ଟର ଆଏଁଖ ନେଇଁ ଦିସବାର । ବଏଦ ଗୁନିଆଁ ଚାରିଖୁଟି ନୁଁ ଡକାଲେ । କାହିଁ କିଛୁ ନେଇଁ ହେଲା । କେତେ ଦେବି ଦେବ୍‌ତା ପୁଜାପାଠ ଜଲସେଇ ଚଁଢ଼ିପାଠ... କିଛି ନେଇଁ । ଜେନ୍‌ତା କେ ସେନ୍‌ତା । ସେସକେ ଡାକ୍‌ତରଖାନା କେ ନେଲେ । କାହିଁ ଦେସ ବିଦେସୁ ବୁଲେଇ ଆନଲେ । ବଲିସ୍‌ଟର ଆଁଖିର କଥାଥି ଡାକ୍‌ତରମନେ ଗୁଁଦଲେଇ ହେଲେ । ଏନ୍‌ତା କରି ମାସ ଆଠେ ନଏ ହେଲା ନ’ ।

ଚାର୍‌ହିଦିଗ ଅଁଧାର ଦିସଲା ନ ଘରେ ତ କୁଢ଼ କୁଢ଼ ପଏସା । ପଏସାର କାଏଁ ଅଭାବ । ବଲିସ୍‌ଟର ବୁଆ ଚାର୍‌ହି ଆଡ଼େ ପରଚାର କରି ଦେଲା –ବଲିସ୍‌ଟର ଆଏଁଖ କେ ଜେ ବନେ କରିଦେବା, ତାହାକେ ସେ ପଚାସ ହଜାର ଟଁକା ଦେବେ । ଚାର୍‌ହିଆଡ଼ୁ ଲୋକ ଆସୁଛନ । କିଏ ଦୁଇ ଦିନ ସମିଆଁ ମାଗୁଛେ ତ’ କିଏ ଚାଏର ଦିନ ସମିଆଁ ମାଗୁଛେ । ହେଲେ ଆଏଁଖଟା ବନେ ନେଇଁ ହେବାର । ସଭେ ଜାକର ଘାଁଟି ହେଲେ ନ । ମାତରକ ସଭେ ଜାକର ଫେଲ୍ ମାରୁଛନ ।

ଲୁଭ୍‌ନି ଗାଁ ଥି ଥାଇ କରି ସବୁକଥା ଜାନିଛେ, ସୁନିଛେ । ବଛରେ ପୁରବାର କେ ଆର ଗୁଟେ ମାସ ଅଛେ । ବଲିସ୍‌ଟ ଘରକେ ପହଁଚିଲା । – ‘‘ମୁଇଁ ତମର ଘରକେ ଆସିଛେଁ । ବଲିସ୍‌ଟ କେ ମୁଇଁ ବନେ କରିଦେମିଁ ।’’ ବଲିସ୍‌ଟର ବୁଆ କଥା ସୁନିକରି ଛନେ ଭାବଲା – ‘‘ନୁନର ପୁତଲି ସମୁନ୍ଦରର ପାଏନ୍ ଥି କଁଟି ହେମିଁ ବଲୁଛେ, କିଏ ସତ କର୍‌ବା ?’’ ବଲିସ୍‌ଟର ବୁଆ ଲୁଭ୍‌ନିର ମୁହୁଁ ଥି ଲେଖା ହେଇଥିବାର କଥା କେ ଅଏନ କରି ପଢ଼ଲା ଆର କହେଲା – ‘‘ତମକୁ ଦସଦିନ ସମିଆଁ ଦିଆଗଲା । ଜଦରଭି ପାର୍‌ବ ତ ବନେ କର ।’’ ଲୁଭ୍‌ନି ବଲିସ୍‌ଟର ବୁଆର ଏତ୍‌କି ବରକସ୍ କଥା ସୁନିକରି ତାର ମନଟା ଉସତ ଲାଗଲା ଆର ଲୁଭ୍‌ନିର ସାହାସ କେ ଦେଖି କରି ବଲିସ୍‌ଟର ମାଆଁବୁଆର ମନ ତତଲା ଝାଉଖରା ଥି ଅଛରେ ପାଏନ ବର୍‌ସି କାକର ପବନ ସଲୋ ସଲୋ ରୁକ୍‌ଲା ବାଗିର ଲାଗଲା ।

ଲୁଭ୍‌ନି ବଲିସ୍‌ଟ କେ କଅଁଲିଆ କଥା କହୁଛେ । ହଁସ ହଁସି ମନ୍‌କେ ରସେଇ ଦଉଛେ । ବଲିସ୍‌ଟ ଟିଖେ ନେଇଁ ହଁସବାର କି କଥା ନେଇଁ କହେବାର । ଉଦା ଧର୍‌କା ଥି ଦୁଇ ଆଏଁଖ କେ ପୁଛି ଆନୁଛେ । ଏନ୍‌ତା କରି ବଲିସ୍‌ଟର ସାଙ୍ଗେ କେତେ ଲାଢ଼ଗେଲ ହଉଛେ ।

ଆଠ ଦିନ ହେଲା ନ’ କିଛୁ ନେଇଁ, ବଲିସ୍‌ଟ ଜେନ୍‌ତା କେ ସେନ୍‌ତା । ଲୁଭ୍‌ନିର ମନ ଭିତରେ ଜେନ ଦମ୍‌ଟେ ଥିଲା, ଧସ୍‌କି ଧସ୍‌କି ଆସୁଛେ । ତଥାପି ମନର ଦମଟା ଗୁଟାମୁଟା ଭାଁଗି ନେଇଁଜିବାର । ଆର୍‌କ ଦିନେ କହେଲା – ‘‘ମତେ ଦେଖି ପାରୁଛ ? ଜେନ୍‌ତା ଦିସୁଛେ ମତେ ଦେଖ ତ ?’’ ବଲିସ୍‌ଟ କହେଲା– ‘‘ମୁଇଁ କିଛି ଦେଖି ନେଇଁ ପାରବାର ।’’ ଲୁଭ୍‌ନିର ଆଁଖିର ପାଏନ ଥପୋ ଥପୋ ଉତରି ଆସଲା ।

## ସମିଆଁ ଜାନି ଆଏଲ’

ଆନଂଦ ଚଂଦ୍ର ସାହୁ

ସମିଆଁ ଜାନି ଆଏଲ’
ବନେ କଲ’ ।
ମୋର୍ ଅଲାଏଖି ମନ୍ ତ’
କିନ୍ଦ୍‌ରୁଥିସି କାହିଁ କାହିଁ
ଠେଙ୍ଗୁଆ ମଶାନ୍ ବାଗିର୍....
ଆଏବା ଯେ’.... ଥେବି ଥ’ ।

ତାଲୁଫଟା ଖରା ଥି ଆଇଛ’
ଟଁଟି ଶୁଖି ଯାଉଥିବା ବି
ଛାଏଁତଲେ ଟିକେ ଥାକ’
ଥାବେ ଟିକେ ବସ’ ।

ସମିଆଁ ଜାନି ଆଏଲ’
ବନେ କଲ’ ।

ମୁଇଁ ଜାନିଥିଲିଁ ହୋ’
ତମେ ଆଏବ ବଲି
ଆଜି ନେଇଁହେଲେ କାଲି ।
ହେତିର୍ ଲାଗି ତ’
କବାର୍‌ବୁଟା ଛାଡ଼ି
ତମର୍ ବାଟ୍ ଦେଖୁଛେଁ,
ତମେ ଆଏବ ବଲି

ନିଜର୍ ଭିତର୍ ବାହାର୍
ଇଥିତାହିଁ ବିଛି ବୁନି ହେଇଥିବାର୍
କୁର୍‌କୁଟି ଅନ୍ଧାର୍‌କେ
ବନ୍‌ଢ଼େଇ ଦେଇଛେଁ ।

ସୁନା ପିଞ୍ଜ୍‌ରାର୍ ଖିଡ଼୍‌କି
ଖୁଲି ଦେଇଛେଁ
ଗାଏ ଦାମୁର୍, ଛେଲ୍ ମେଢ଼ି ସମ୍‌କୁ
ଗୁହାଲୁ ଢ଼ିଲି ଦେଇଛେଁ
ଗୁଟେ ଗୁଟେ କରି ହିଟେଇ ଦେଇଛେଁ
ସବୁ ବଂଧନ୍....
ଯେନ୍‌ତା ମେଲା ଢ଼ିଲା
ନଏଦ୍ ନଲିଆ, ଝାର୍ ଖମନ୍ ।

ସମିଆଁ ଜାନି ଆଏଲ’
ବନେ କଲ’
ସାଙ୍ଗେ ଯିବାକେ କହୁଛ ତ’
କିଏ ମନା କଲା !
ଯିମା... ଜରୁର୍ ଯିମା
ଶୂଇନ୍ ଆକାଶେ ଶୂଇନ୍ ହେଇ
ମହା ଶୂଇନ୍‌କେ ଅଂଘେଇ ନେମା ।।



# ବଟେଶ୍ୱର ଉନ୍ନୟନ ପ୍ରକଳ୍ପଗୁଡିକର ଅନୁଧ୍ୟାନ କଲା ଭଦ୍ରକ ଜିଲ୍ଲା ଟିମ୍



ଗଞ୍ଜାମ, (ନିପ୍ର) : ଗଞ୍ଜାମ ବ୍ଲକ ପାଳିବନ୍ଧ ପଂଚାୟତ କଣ୍ଟିଆଗଡ଼ ସ୍ଥିତ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠଠାରେ ଭଦ୍ରକ ଜିଲ୍ଲାର ଏକ ୨୫ ଜଣିଆ ଟିମ ଗତକାଲି ଭଦ୍ରକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି)ଇନ୍ଦ୍ରମଣି ନାୟକଙ୍କ ନେତୃତ୍ୱରେ ଭଦ୍ରକ ଜିଲ୍ଲା ପ୍ରଶାସନର ଏକ ୨୫ ଜଣିଆ ପ୍ରତିନିଧି ଦଳ ଗଞ୍ଜାମ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରିଥିଲେ । ଏହି ପ୍ରତିନିଧି ଦଳ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ ପରିସରରେ ରହିଥିବା କଲ୍ୟାଣ ମଣ୍ଡପ, ଆଦର୍ଶ ପୁଷ୍କରିଣୀ, ଶିଶୁ ଉଦ୍ୟାନ, ସ୍ମାର୍ଟ୍ ପାର୍କ, ଓପେନ୍ ଜିମ୍ ସେଣ୍ଟର୍, ସମୁଦ୍ରକୂଳ ଏବଂ ବଟେଶ୍ୱର ମନ୍ଦିର ଓ ମନ୍ଦିର ଚତୁର୍ପାର୍ଶ୍ୱରେ ନୂତନ ଭାବେ ପଥର ଖଣ୍ଡ ଦ୍ୱାରା ନିର୍ମିତ ପାହାଚ ଓ ତାହାର ନିର୍ମାଣ ଶୈଳୀ ଦେଖି ମନ୍ଦିର ପରିଚାଳନା କମିଟିର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ପାଳିବନ୍ଧ ସରପଞ୍ଚ ଦିଲିପ୍ କୁମାର ଛୋଟରାୟ, ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ୍ ରାୟ, ମନ୍ଦିର ପରିଚାଳନା କମିଟି ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, ଶିବ ପ୍ରସାଦ ସ୍ୱାଇଁ, ନିରାକାର ଜେନା ପ୍ରମୁଖ ସେଠାରେ ଭଦ୍ରକ ଜିଲ୍ଲାରୁ ଆସିଥିବା ବିଭିନ୍ନ ପଦାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ସ୍ଥାନୀୟ ବିଡିଓ ଏବଂ ଗ୍ରାମବାସୀ, ସରପଞ୍ଚଙ୍କ ସହଯୋଗରୁ ଏପରି ଅତି କମ ଅର୍ଥରେ ଏତେ ସୁନ୍ଦର ସୁନ୍ଦର ବିରାଟ ପ୍ରକଳ୍ପଗୁଡ଼ିକ ସମ୍ଭବ ହୋଇପାରୁଥିବା ଦେଖି ପ୍ରତିନିଧି ଦଳ ଖୁସିବ୍ୟକ୍ତ କରିଥିଲେ । ଏହି ପ୍ରତିନିଧି ଦଳରେ ବାସୁଦେବପୁରର ପ୍ରଣବ କୁମାର ବେହେରା, ଭଦ୍ରକର ମନୋଜ କୁମାର ଜେନା, ଭଣ୍ଡାରିପୋଖରୀର ଦେବଦତ୍ତ ଦାସ, ବନ୍ତର ଅଙ୍କିତା ବେହେରା, ନାଉଳିର ଜ୍ୟୋତି ପ୍ରକାଶ ଦାଶ, ଧାମ୍ ନଗରର ଦୁର୍ଗା ଚରଣ ମୁର୍ମୁ, ତିହିଡିର ବସନ୍ତ କୁମାର ସାବତ ପ୍ରମୁଖ ସାତ ଜଣ ବିଡ଼ିଓ, ଡିଆର୍ଡିଏର ଆସିଷ୍ଟାଣ୍ଟ ଇଞ୍ଜିନିୟର ଓଜେଇମାନେ ଏହି ୨୫ ଜଣିଆ ଟିମ୍ ପରିଦର୍ଶନରେ ଆସି ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ । ସେହିପରି ଗଞ୍ଜାମ ବ୍ଲକର ସୁବଳୟା ପଞ୍ଚାୟତର ସତ୍ପଷୋଲ ଗ୍ରାମରେ ଆଦର୍ଶ କୁକୁଡ଼ା ଫାର୍ମ ପ୍ରକଳ୍ପ ଓ ହମ୍ମା ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଗଞ୍ଜାମ ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ବଂଶୀଧର ପରିଡ଼ା, ପିଓ ଦିଲିପ୍ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଗ୍ରାସିମ୍ କମ୍ପାନୀ ପକ୍ଷରୁ ମକଡ୍ରିଲ କାର୍ଯ୍ୟକ୍ରମ



ଗଞ୍ଜାମ, (ନିପ୍ର) : ଗଞ୍ଜାମ ସହରସ୍ଥିତ ତହସିଲ ଅଫିସ ଛକ ନିକଟରେ ଗ୍ରାସିମ କମ୍ପାନୀ ପକ୍ଷରୁ ଗତକାଲି ଅପରାହ୍ନରେ ଏକ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କମ୍ପାନୀ ୟୁନିଟ୍ ହେଡ ଦିଗବିଜୟ ପାଣ୍ଡେଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁର୍ଘଟଣା ଜନିତ ବିପର୍ଯ୍ୟୟ ବେଳେ କମ୍ପାନୀ ମଧ୍ୟରୁ ବିଷାକ୍ତ କ୍ଲୋରିନ୍ ଗ୍ୟାସ୍ ନିର୍ଗତ ହେଉଥିବା ବେଳେ କିପରି ସତର୍କତା ମୂଳକ ପଦକ୍ଷେପ ନିଆଯାଇ ପାରିବ ସେ ନେଇ ଦୁରୋତ୍ତର ଆପାତ କାଳୀନ ପ୍ରତିରୂପ ଅଭ୍ୟାସ କରାଯାଇଥିଲା । କମ୍ପାନୀ ମଧ୍ୟରେ ଏକ ଟ୍ରକରେ ରହିଥିବା କ୍ଲୋରିନ ଗ୍ୟାସ୍ ସିଲିଣ୍ଡର୍ ଲିକ୍ ହେଲା ପରେ କର୍ମଚାରୀମାନଙ୍କ ଦ୍ୱାରା କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ପହଞ୍ଚିବା ପରେ ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବିଭାଗ ପହଞ୍ଚିବା ପରେ ସିଲିଣ୍ଡର୍ ଉପରେ ଜଳ ସିଞ୍ଚନ କରାଯାଇଥିଲା । ପରେ ଟେକ୍ନିସିଆନ ଟିମ୍ ପହଞ୍ଚି ଗ୍ୟାସ୍‌କୁ ଆୟତ କରାଯାଇ ସ୍ଥାନୀୟ ଅଞ୍ଚଳକୁ ବିପଦମୁକ୍ତ କରାଯାଇଥିଲା । ଆହାତ ଡ୍ରାଇଭରକୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଦ୍ୱାରା ତୁରନ୍ତ ଚିକିତ୍ସା ନିମନ୍ତେ ନିଆଯାଇଥିଲା । ସାଧାରଣ ଜନତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଡାକବାଜିଜନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନତା କରାଯାଇଥିଲା ଯେ, ପବନର ବିପରୀତ ଦିଗକୁ ପାଣି କନା ସାହାଯ୍ୟରେ ମୁହଁକୁ ଢାଙ୍କି ଚାଲି ଯିବା ପାଇଁ । ଏପରି ମକଡ୍ରିଲ କାର୍ଯ୍ୟକ୍ରମକୁ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଉଚ୍ଚ ପ୍ରଶଂସା କରିଥିଲେ । ପରେ ଏକ ସଭାରେ ଏଡିଏମ୍ ଅମିୟ ସାହୁ, ଉପଜିଲ୍ଲାପାଳ ପ୍ରିୟ ରଂଜନ ପୃଷ୍ଟି, ଏମର୍ଜେଂସି ଅଫିସର୍ ସୁକାନ୍ତ ମିଶ୍ର, ଆସିଷ୍ଟାଣ୍ଟ ଡାଇରେକ୍ଟର ଫେକ୍ଟ୍ରିସ୍ ଆଣ୍ଡ ବଏଲର୍ ପୁଷ୍ପମିତ୍ର ଜେନା ଓଏସ ଏପି ଅଷ୍ଟମ ବାଟାଲିୟନ କମାଣ୍ଡେଣ୍ଟ ସୂର୍ଯ୍ୟନାରାୟଣ ମାଲିକ, ତହସିଲଦାର ଅରୁଣ କୁମାର ନାୟକ, ଇନଭାରମେଣ୍ଟ ରିଜିଓନାଲ୍ ଅଫିସର୍ ମିତ୍ରସେନ୍ ମାଝୀ, ଫାଇର ଅଫିସର୍ ବିଶ୍ୱନାଥ ମହାନ୍ତି ଗ୍ରାଶିମ୍ କମ୍ପାନୀ ସେଫ୍ଟି ହେଡ ପୂର୍ଣ୍ଣ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବରୁ ଘଟିଯାଇଥିବା ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣା ବେଳେ କିପରି ସୁରକ୍ଷିତ ଭାବେ ବିପଦ ଏଡାଇ ଦିଆଯାଇଥିଲା ସେ ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହ ମକଡ୍ରିଲ କାର୍ଯ୍ୟକ୍ରମରେ ଉଚ୍ଚ ପ୍ରଶଂସା କରିଥିଲେ । ଇଓ ରୋନିତ କୁମାର ଉପସ୍ଥିତ ଥିଲେ । କମ୍ପାନୀ ଡିଜିଏମ୍ ରବୀନ୍ଦ୍ର କୁମାର ମହାନ୍ତି କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଏଜିଏମ ପ୍ରଭା ଦାସ, ଏଚ୍ଆର୍‌ହେଡ୍ ପ୍ରଭା ପଣ୍ଡା, ଆଇ ଆର୍ ହେଡ୍ ନିରୋଜା ପଟନାୟକ, ଏମସି ନିଖିଳ ମହାପାତ୍ର, ସେକ୍ରେଟାରୀ ଆଣ୍ଡ ଫାଇର୍ ବିପିନ୍ ଦୀକ୍ଷିତ, ସେଫ୍ଟି ହେଡ କୃଷ୍ଣ ପାଣିଗ୍ରାହୀ ପ୍ରମୁଖ କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଓଏସ୍ଏପି ଅଷ୍ଟମ ବଟାଲିୟନ୍ ଓଡ୍ରାପ୍ ଟିମ୍ ଉପସ୍ଥିତ ଥିଲେ ।

# ରାଇସଲପଦର ଗାଁରେ କଙ୍ଗାରୁ କୋର୍ଟ : ଚୋରି ଅଭିଯୋଗରେ ଚାରି ଜଣ ଯୁବକଙ୍କୁ ଅକଥନୀୟ ନିର୍ଯାତନା



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ସୀମାନ୍ତବର୍ତ୍ତୀ ଗାଇସିଲାଟ ଥାନା ଅଞ୍ଚଳରୁ ଆସିଛି ଏକ କଙ୍ଗାରୁ କୋର୍ଟର ଦୃଶ୍ୟ । ଯେଉଁଠି ଚାରି ଜଣ ଯୁବକଙ୍କୁ ଚୋରି ଅଭିଯୋଗରେ ଗାଁ ଦାଣ୍ଡରେ ଖୁଣ୍ଟରେ ବାନ୍ଧିବା ସହ ସେମାନଙ୍କ ହାତକୁ ବାନ୍ଧି ଗାଁ ଦାଣ୍ଡରେ ବୁଲା ଯାଉଥିବାର ଭିଡିଓ ସାମ୍ନାକୁ ଆସିଛି । ଗାଇସିଲାଟ ଥାନା ରାଇସଲପଦର ଗାଁରେ ଚାଷ ଜମିର ମଟର ପମ୍ପ ଚୋରି ଅଭିଯୋଗରେ କଙ୍ଗାରୁ କୋର୍ଟ କରି ଗ୍ରାମବାସୀମାନେ ଚାରି ଜଣ ଯୁବକଙ୍କୁ ଦଣ୍ଡିତ କରିବା ଭିଡିଓ ସାମନାକୁ ଆସିଛି ।

ସେହି ଚାରି ଜଣ ଯୁବକଙ୍କୁ ଗାଁ ଦାଣ୍ଡର ଖୁଣ୍ଟରେ ବାନ୍ଧି ଅପମାନିତ କରାଯାଇଛି ଏବଂ ପରେ ଆହୁରି ଅପମାନିତ କରିବା ପାଇଁ ତଥା ଦଣ୍ଡିତ କଲା ପରି ସେହି ଚାରି ଜଣ ଯୁବକଙ୍କ ହାତକୁ ଦଉଡିରେ ବାନ୍ଧି ଗାଁ ସାରା ବୁଲାଇଛନ୍ତି । ବର୍ତ୍ତମାନ ସମୟରେ ଲୋକମାନେ ଆଇନକୁ ହାତକୁ ନେବା ସହ କଙ୍ଗାରୁ କୋର୍ଟରେ ଦଣ୍ଡିତ କରିବା ପୋଲିସ ପ୍ରଶାସନ ଉପରେ ଭରସା ନଥିବା ଭଳି ମନେ ହେଉଛି । ଏଭଳି ଭାବରେ କଙ୍ଗାରୁ କୋର୍ଟରେ ଦଣ୍ଡିତ କଲା ପରେ ଗ୍ରାମବାସୀମାନେ ଗାଇସିଲାଟ ପୋଲିସକୁ ଖବର କରି ଚୋରମାନଙ୍କୁ ପୋଲିସ ହାତରେ ଦେଇଛନ୍ତି । ଏହି କଙ୍ଗାରୁ କୋର୍ଟରେ ଦଣ୍ଡିତ କଲା ଭିଡିଓ ଏବେ ଗାଇସିଲାଟ ଓ ପଦ୍ମପୁର ଅଂଚଳରେ ଘୁରି ବୁଲୁଛି । ଗାଇସିଲାଟ ପୋଲିସ କହିବା ମୁତାବକ ସେହି ଚାରିଜଣ ବ୍ୟକ୍ତିଙ୍କ ପାଖରୁ କିଛି ଚୋରୀ ସାମଗ୍ରୀ ଜବତ କରାଯାଇଛି । ହେଲେ ଏପରି ଗାଁ ଦାଣ୍ଡରେ ଲୋକଙ୍କୁ ଦଣ୍ଡିତ କରିବା ଭଳି ପ୍ରଥା କେବେ ବନ୍ଦ ହେବ ତାହା ଚିନ୍ତାର ବିଷୟ ପାଲଟିଛି ।

# ଝିଙ୍କିଡୁଙ୍ଗୁରି ପଞ୍ଚାୟତରେ ବିଭିନ୍ନ ଯୋଜନାର ଅନିୟମିତତା ହେଉଥିବା ଅଭିଯୋଗ : ବ୍ଲକ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ଧାରଣା




ସଇଁନ୍ତଲା, (ନିପ୍ର) : ରାଜ୍ୟ ଓ କେନ୍ଦ୍ର ସରକାର ଗରିବ, ନିରୀହ ଲୋକଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରିବା ସହ ଗରିବ ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରୁଥିବା ବାହା ବାହା ମାରୁଛନ୍ତି ହେଲେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ବଦଳି ନାହିଁ ବିକାଶର ମାନଚିତ୍ର ।

ଏବେବି ଅନେକ ଗାଁରେ ବିକାଶ ରହିଛି ସାତ ସପନ । ଲୋକେ ଭଙ୍ଗାଘରରେ ଦିନ ବିତାଉ ଥିବା ମଧ ଦେଖିବାକୁ ମିଳିଛି । ତେବେ ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତର ଲୋକେ ନବୀନ ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ବକ୍ଷୋଭ ପ୍ରଦର୍ଶନ କରିଥିଲେ । ଆମ୍ବେଦକରାଇଟ ପାର୍ଟି ଅଫ ଇଣ୍ଡିଆ ପକ୍ଷରୁ ଝିଙ୍କିଡୁଙ୍ଗୁରି ପଞ୍ଚାୟତରେ ବିଭିନ୍ନ ଯୋଜନାରେ ଅନେକ ଅନିୟମିତତା ହେଉଥିବା ନେଇ ଅଭିଯୋଗ କରିଥିଲେ । ଅନ୍ୟପଟେ ଏହି ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନାରେ ଅନିୟମିତତା ଅଭିଯୋଗ ଓ ପ୍ରକୃତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ବୋଲି ଅନେକ ପ୍ରସଙ୍ଗକୁ ନେଇ ଧାରଣା ଦେଇ ତଦନ୍ତ କରିବା ପାଇଁ ଗ୍ରାମବାସୀମାନେ ଦାବୀ କରିଥିଲେ । ତେବେ ବିଡିଓ ନ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଥିଲେ ଉକ୍ତ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ । ଯଦି ଆଗାମୀ ଦିନରେ ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି ।

# ବ୍ଲକ ସ୍ତରୀୟ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଓ ଜାତୀୟ ଉପଲବ୍ଧି ସର୍ବେକ୍ଷଣ କର୍ମଶାଳା




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଡାଏଟ ପରିସରରେ ବ୍ଲକ ସ୍ତରୀୟ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଓ ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ବ୍ଲକ ଶିକ୍ଷା ଅଧିକାରୀ ରାଘବ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବଙ୍ଗୋମୁଣ୍ଡା ବ୍ଲକ ଦାୟିତ୍ୱରେ ଥିବା ଇଟିଇଆଇର ଭାରପ୍ରାପ୍ତ ଅଧକ୍ଷ ଜ୍ଞାନେନ୍ଦ୍ର ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ବଲାଙ୍ଗିର ବ୍ଲକ ଦାୟିତ୍ୱରେ ଥିବା ସଂଯୋଜିକା ତଥା ଶିକ୍ଷକ-ପ୍ରଶିକ୍ଷିକା ଡ. ସୁଧାଂଶୁ ବାଳା ତ୍ରିପାଠୀ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସଂପର୍କରେ କହିଥିଲେ । ଏହି କର୍ମଶାଳାରେ ସାଧନକର୍ମୀ ଭାବେ ଭାରତୀ ପଟ୍ଟନାୟକ, ଆଶିଷ ମିଶ୍ର, ବିନାୟକ ମିଶ୍ର, ପ୍ରିୟମ୍ବଦା ଦାଶ, ବେଣୁଧର ମାଝି, ଭରତ ମହାକୁର ଯୋଗଦେଇ ବଲାଙ୍ଗିର ବ୍ଲକର ୧୬ଜଣ ସିଆରସିସି ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉକ୍ତ କର୍ମଶାଳାରେ ଏବିଇଓ ତଥା ବିଆରସିସି ଉତ୍ତମ ନାୟକ, କୈଳାସ କୁମ୍ଭାର ଏବଂ ସନ୍ଧ୍ୟାରାଣୀ ଧରୁଆ ଉପସ୍ଥିତ ଥିଲେ । ଜାତୀୟ ଉପଲବ୍ଧି ସର୍ବେକ୍ଷଣ ଉପରେ ବରିଷ୍ଠ ଶିକ୍ଷକ-ପ୍ରଶିକ୍ଷକ ଗଣେଶ ଜେନା ତଥ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଆରସିସି ଉତ୍ତମ ନାୟକ ପରଚାଳନା କରିଥିବା ବେଳେ ଏବିଇଓ କୈଳାସ କୁମ୍ଭାର ଧନ୍ୟବାଦ ଦେଇଥିଲେ ।

# ରେଳ ଷ୍ଟେସନରେ ଯାତ୍ରୀ ସେବାର ସୁବନ୍ଦୋବସ୍ତ କରାଯାଉ

ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ରେଳ ଉପଭୋକ୍ତ ସଂଘର କାର୍ଯ୍ୟକାରୀ କମିଟିର ବୈଠକ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସହ-ସଂପାଦକ ପ୍ରଭାକର ମିଶ୍ର ବିଗତ ସଭାର ବିବରଣୀ ପ୍ରଦାନ କରିଥିଲେ । ଆଲୋଚନା ଆରମ୍ଭ କରି ସଭ୍ୟ ଗୋପଭୂଷଣ ନାଥ ବଲାଙ୍ଗିର ରେଳ ଷ୍ଟେସନରେ ବରିଷ୍ଠ ଯାତ୍ରୀମାନଙ୍କୁ ବିଭିନ୍ନ ସୁବିଧା ପ୍ରଦାନ କରିବା ପାଇଁ ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ । ଏନେଇ ଉପଭୋକ୍ତା ସଂଘର କର୍ମକର୍ତ୍ତା ସମୟ ସମୟରେ ରେଳ ଷ୍ଟେସନ ଯାଇ ରେଳ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ମତ ପ୍ରକାଶ ପାଇଥିଲା । ଉପସ୍ଥିତ ସମସ୍ତ ସଭ୍ୟ ସଂଘର ବ୍ୟାଙ୍କ ପାସବୁକକୁ ଡିଏକ୍ଟିଭେଟ କରିବା ସହ ନବନିର୍ବାଚିତ ସମ୍ପାଦକ ଓ କୋଷାଧକ୍ଷଙ୍କୁ ପାସବୁକ ପରିଚାଳନା ପାଇଁ ଦାୟିତ୍ୱ ଅର୍ପଣ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ବରିଷ୍ଠ ନାଗରିକ ଦିବସ ପାଳନ - ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ବରିଷ୍ଠ ନାଗରିକଙ୍କୁ ସାମିଲ କରାଯାଉ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ସଭ୍ୟଙ୍କ ଉପସ୍ଥିତିରେ ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ଦିବସ ଜିଲ୍ଲା ସାମ୍ବାଦିକ ଭବନଠାରେ ପାଳନ କରାଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଭୁତି ଭୂଷଣ ମିଶ୍ର ଅବସରପ୍ରାପ୍ତ ଅଧ୍ୟକ୍ଷ, ପୋଷ୍ଟାଲ ବିଭାଗ ଏବଂ ବୃନ୍ଦାବନ ଦାସ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ସଭ୍ୟମାନଙ୍କ ମଧ୍ୟରେ ମନୋଭାବ, ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଏବଂ ଅବସର ସମୟ ପରେ ସମୟକୁ ଉପଯୁକ୍ତ ଭାବରେ ବିନିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ସଂଘର ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ବରିଷ୍ଠ ନାଗରିକମାନଙ୍କ ପାଇଁ ପୂର୍ବତନ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ଅନୁସାରେ ସଂଘର ଅଫିସ ଗୃହ ପାଇଁ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଗଲା । ସଭାପତି ଗୁରୁଶ୍ରୀ ଘାସିରାମ ମିଶ୍ର ବରିଷ୍ଠ ନାଗରିକମାନଙ୍କ ପ୍ରତି ସରକାରଙ୍କର ଉଦାସିନ ମନୋବୃତ୍ତି ଏବଂ ଅବହେଳିତ ସମ୍ବନ୍ଧରେ ଦୃଷ୍ଟି ଗୋଚର କରିବାକୁ ଦୃଢ ପଦକ୍ଷେପ ନିବାକୁ ପଡିବ ବୋଲି ଘୋଷଣା କରିଥିଲେ । ଅନେକ ଦୁଃଖ ପ୍ରକାଶ କରି ସଂଘର ସଂପାଦକ ବସନ୍ତ ଆଚାର୍ଯ୍ୟ ବର୍ତ୍ତମାନ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସାମିଲ କରାଯିବାକୁ ଦୃଢ ଦାବୀ କରିଥିଲେ । କରୋନା କଟକଣାରେ ସଂଘର କାର୍ଯ୍ୟରେ ଧିମେଇ ଯାଇଥିବାରୁ ସମସ୍ତ ପ୍ରାନ୍ତରେ ସାଂଗଠାନିକ କାର୍ଯ୍ୟ ଦୃଢ କରିବାକୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସୈନିକ ସଂଘର ସଭାପତି ପ୍ରତାପ ରଥ ଓ ପୂର୍ବତନ ବରିଷ୍ଠ ସଭ୍ୟ ବୃନ୍ଦାବନ ବରାଳ, ମହିଳା ସଭ୍ୟା ଜ୍ୟୋସ୍ନାରାଣି ନନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିରାମ ବେହେରା, ସଂଘର ବରିଷ୍ଠ ସଭ୍ୟ ବୃନ୍ଦାବନ ବରାଳ, ଜ୍ୟୋତିରାଜ ନାଗ, କୃଷ୍ଣଚନ୍ଦ୍ର ନାଥ, ଭଂଜ କିଶୋର ନାଗ ନିଜ ନିଜ ମତ ପ୍ରକାଶ କରି ସଂଘକୁ ସୁଦୃଢ କରିବା ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ । ସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ପଣ୍ଡା ବୈଠକକୁ ସଂଯୋଜନା କରିଥିବା ବେଳେ ସଂପାଦକ ଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବ ହଷ୍ଟେଲ ରାଉରକେଲା ଶାଖାର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ରାଉରକେଲା, (ନିପ୍ର) : ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ଓ ଆଇଜିଏଚର ରକ୍ତଦାନ ୟୁନିଟ ଆନୁକୁଲ୍ୟରେ ତଥା ଆଇଏମ୍ଏ ରାଉରକେଲା ଶାଖା ଓ 'ରକ୍ତଧାରା'ର ସକ୍ରୀୟ ସହଯୋଗରେ 'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ' ଆଇଜିଏଚ୍ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି । ଯୁବ ହଷ୍ଟେଲସ ରାଉରକେଲା ଶାଖାର ଉପସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଇଜିଏଚ୍‌ର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନାରାୟଣ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶତ ପ୍ରତିଶତ ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ତଥା ଆଇଏମ୍ଏ ରାଉରକେଲା ଶାଖାର ସଭାପତି ଡାକ୍ତର ପି. କେ. ମହାପାତ୍ର ରକ୍ତଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ମହିଳାମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଆଇଜିଏଚର ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରତିଭା କୁମାରୀ ବେହେରା ନିଜ ଅଭିଭାଷଣରେ ଏହି ବର୍ଷର ବାର୍ତ୍ତା 'ରକ୍ତଦାନ କରି ସାରା ବିଶ୍ୱର ହୃଦ୍ ସ୍ପନ୍ଦନ ଚାଲୁ ରଖିବା' ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ଆଇଜିଏଚ୍ ରକ୍ତ ଭଣ୍ଡାରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ପଙ୍କଜ କୁମାର ଦାସ ରକ୍ତଦାନ ଦିବସ ଅବସରରେ ବିଭିନ୍ନ ତଥ୍ୟ ଉପରେ ଆଲୋଚନା କରିଥିଲେ । ଏହି ରକ୍ତଦାନ ଶିବିରରେ ମୋଟ ୨୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏକ ମାତ୍ର ମହିଳା ରକ୍ତଦାତା ମିନତୀ ମହାନ୍ତି ପ୍ଲେଟଲେଟ୍ସ ଦାନ କରିଥିବା ବେଳେ ନର୍ସିଂ ଟ୍ରେନିଂ ସେଣ୍ଟରର ୫ଜଣ ଛାତ୍ରୀ ରକ୍ତଦାନ କରିଥିଲେ । ଏହି ଅବସରରେ ଆର୍‌ଏସ୍‌ପିର ଦୁଇଟି ବିଭାଗରୁ ଗତ ବର୍ଷ ଅଧିକ ରକ୍ତଦାତା ରକ୍ତଦାନ କରିଥିବାରୁ ଏସ୍‌ଏମ୍‌ଏସ-୨ର ମୁଖ୍ୟ ମହାପ୍ରବନ୍ଧକ ଏସ. ମାନଜି ଏବଂ କୋକ ଓଭେନର ମୁଖ୍ୟ ମହାପ୍ରବନ୍ଧକ ଆଇ. ରାଜନ୍‌ଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସର୍ବାଧିକ ଥର ରକ୍ତଦାନ କରିଥିବା ସିପିପି-୧ର ବିପ୍ଳବ କୁମାର ବାରିକ ଏବଂ ଏସ୍‌ଏମ୍‌ଏସ୍-୨ର ସୁଶାନ୍ତ କୁମାର ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବରୁ ଯୁବ ହଷ୍ଟେଲସର ଉପସଭାପତି ପ୍ରତାପ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଯୁବ ହଷ୍ଟେଲସ ରାଉରକେଲା ଶାଖାର ସମ୍ପାଦକ ତଥା ରକ୍ତଧାରାର ସାଧାରଣ ସମ୍ପାଦକ ନିରଞ୍ଜନ ସାମଲ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ରକ୍ତଦାନ ଶିବିରକୁ ଡାକ୍ତର ପଙ୍କଜ କୁମାର ଦାସଙ୍କ ନେତୃତ୍ୱରେ ଶକୁନ୍ତଳା ପଣ୍ଡା, ଦିଲ୍ଲିପ କୁମାର ସେଠୀ, ସୁରେନ୍ଦ୍ର କୁମାର ସ୍ୱାଇଁ, ଅଭିଜିତ ପାଲ, ଅର୍ଥର ଇକବଲ, ଅଭିରାମ ମଲ୍ଲିକ ଓ ଯୁଗଳ କିଶୋର ଡୁଙ୍ଗଡୁଙ୍ଗ ପ୍ରମୁଖ ପରିଚାଳନା କରିଥିଲେ ଏବଂ ଯୁବ ହଷ୍ଟେଲସ ଓ ରକ୍ତଧାରାର କର୍ମକର୍ତ୍ତା ବୁଦ୍ଧ ଦେବ ବାସୁଙ୍କ ନେତୃତ୍ୱରେ ପି.ସି. ମିଶ୍ର, ସରୋଜ ପଟ୍ଟନାୟକ, ସୁଚିତ୍ରା ମଲ୍ଲିକ, ଲୁସି ଦାସ, ସୁଲୋଚନା ମିଶ୍ର, ରଞ୍ଜିତ ପୁରୋହିତ, ସମରକାନ୍ତ ମଲ୍ଲିକ, କାପ୍ରା ହାଁସଦା ପ୍ରମୁଖ ସହଯୋଗ କରିଥିଲେ ।

# ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ



ସୋହେଲା, (ନିପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସୋହେଲା ଗାନ୍ଧୀ ଛକ ସ୍ଥିତ ସତ୍ୟାଗ୍ରହୀ ସ୍ମାରକୀ ସ୍ମୃତିପୀଠରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମେତ ଅନ୍ୟ ୧୦ ଜଣ ଅନୁଗାମୀଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ପୂଜାର୍ଚ୍ଚନା ସହ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ସେ ସ୍ମୃତି ପୀଠରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋହେଲା ଅଂଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା ସ୍ୱାଧୀନତା ସଂଗ୍ରାମୀ ସମିତିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ସଂଗ୍ରାମୀ ପୀଠ ପାଣିମୋରା ଗ୍ରାମର ତଥା ଗାନ୍ଧୀ ସ୍ମାରକ ନିଧି ସଦସ୍ୟ ଉପେନ୍ଦ୍ର ମହାପାତ୍ର, ଟେକଚାନ୍ଦ ଦୁଆନ, ପ୍ରକୃତି ବନ୍ଧୁ ରାମଚନ୍ଦ୍ର ସାହୁ, ଟଙ୍କଧର ଝାଙ୍କର, ଲଳିତ କୁମାର ଅଗ୍ରୱାଲ, ପୂର୍ବତନ ସରପଞ୍ଚ ରମାକାନ୍ତ ସାହୁ, ସଞ୍ଜୀବ ଝାଙ୍କର, ଗୋବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ : ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, (ସ୍ୱପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଉଭୟ ହିନ୍ଦୀ ଓ ଇଂରାଜୀ ଭାଷାରେ ଟୁଇଟ୍ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲେଖିଛନ୍ତି, ଜନ୍ମ-ଜୟନ୍ତୀ ଉପଲକ୍ଷେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି । ପୂଜ୍ୟ ବାପୁଙ୍କ ଜୀବନ ଓ ଆଦର୍ଶ ଦେଶର ସମସ୍ତ ପିଢିଙ୍କୁ କର୍ତ୍ତବ୍ୟ ପଥରେ ଅଗ୍ରସର ହେବାକୁ ପ୍ରେରଣା ଦେଉଥିବ । ସେହିଭଳି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ ମୋଦୀ ଟୁଇଟ୍ କରିଛନ୍ତି, ଜୟନ୍ତୀ ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଜୀଙ୍କୁ ଶତ-ଶତ ପ୍ରଣାମ । ମୂଲ୍ୟବୋଧ ଏବଂ ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ ତାଙ୍କ ଜୀବନ ଦେଶବାସୀଙ୍କ ପାଇଁ ସଦାସର୍ବଦା ପ୍ରେରଣାର ସ୍ରୋତ ହୋଇ ରହିବ । ଜାତିର ଜନକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଆଜି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସମାଧିସ୍ଥଳ ରାଜଘାଟ ଓ ଶାସ୍ତ୍ରୀଜୀଙ୍କ ସମାଧିସ୍ଥଳ ବିଜୟ ଘାଟକୁ ଯାଇଥିଲେ ।

# ନୂଆପଡ଼ାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ.... (୧ମ ପୃଷ୍ଠାରୁ)

(୧ମ ପୃଷ୍ଠାରୁ)



ସାଙ୍ଗକୁ ବସିବା ଶୋଇବା ସବୁ କାଠିକର ପାଠ ହୋଇଗଲା । କେତୁ ଷଣ୍ଢ ଗରିବ ହୋଇଥିଲେ ହେଁ ନିଜ ସ୍ତ୍ରୀର ସ୍ୱାସ୍ଥ୍ୟକୁ ଠିକ୍ କରିବା ପାଇଁ ଧାରକରଜ କରି ଖଡ଼ିଆଳ ଠାରୁ ଆରମ୍ଭ କରି ନୂଆପଡା, କେସିଙ୍ଗା ସହ ବିଭିନ୍ନ ଆୟୁର୍ବେଦିକ ଚିକିତ୍ସା କରାଇ ସର୍ବସାନ୍ତ ହୋଇଯାଇଛନ୍ତି । ଦିନକୁ ଦିନ ହୀରାଦେଇଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବା ବଦଳରେ ଆହୁରି ଜଟିଳ ହେବାରେ ଲାଗିଲା । ବର୍ତ୍ତମାନ ଅର୍ଥାଭାବରୁ ଆଜକୁ ଚାରିବର୍ଷ ହେବ ସ୍ତ୍ରୀ ହୀରାଦେଇଙ୍କୁ ଘରେ ଶଯ୍ୟାଶାୟୀ କରି ରଖି ନିଜେ କେତୁ ଷଣ୍ଢ ସ୍ତ୍ରୀର ଦୈନନ୍ଦିନ ସେବା କରି ନିତ୍ୟକର୍ମ କରାଉଛନ୍ତି ।

ସରକାରଙ୍କ ଅନେକ ଯୋଜନା କଥା ଶୁଣିଛୁ ହେଲେ କେବେ ଓ କିପରି ମିଳିବ ତା' ଆଶାରେ ଭାଗ୍ୟକୁ ଆଦରି ଅଛୁ । ଯଦ୍ୟ ସରକାର ଦୃଷ୍ଟି ଦେଇ ମୋ ସ୍ତ୍ରୀର ଚିକିତ୍ସା କିମ୍ବା ମୋତେ ଆର୍ଥିକ ସହାୟତା ଯୋଗାଇ ଦେଲେ ସରକାରଙ୍କ ଠାରେ ଋଣୀ ହୋଇ ରହିବୁ ବୋଲି କେତୁ ଷଣ୍ଢ ଏବଂ ତାଙ୍କ ପୁଅ କହିଛନ୍ତି ।

ସୁଚନା ଯୋଗ୍ୟ ଯେ, ପରିବାର ବଂଚିବାକୁ ହେଲେ ଏକ ମାତ୍ର ପୁଅ କୁଲିମଜୁରୀ କରି ଘର ଚଳାଉଛି । ସରକାରୀ ସହାୟତା କହିଲେ ମାସକ ରାସନ କାର୍ଡରେ ମିଳୁଥିବା ୨୦ କେଜି ଚାଉଳ ସାଙ୍ଗକୁ ଦୁଇ ଜଣଙ୍କ ବାର୍ଦ୍ଧକ୍ୟ ଭତ୍ତା ହିଁ ଏକ ମାତ୍ର ସାହା ଭରସା । ହୀରାଦେଇଙ୍କୁ ଗତ ଦୁଇ ବର୍ଷ ତଳୁ ଶହେ ଶତକଡ଼ାର ବିକଳାଙ୍ଗ ପ୍ରମାଣ ପତ୍ର ମିଳିଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ବିକଳାଙ୍ଗ ଭତ୍ତା ପାଇବାରୁ ବଂଚିତ ହେଉଛନ୍ତି ବୋଲି ଜଣାପଡିଛି । ଏହି ଦୁଃଖ ବାବଦରେ ସ୍ଥାନୀୟ ସରପଂଚଙ୍କ ଠାରୁ ନେଇ ପ୍ରଶାସନ ସିଡିଏମ୍‌ଓଙ୍କୁ ଅବଗତ କରାଇଥିଲେ ହେଁ କୌଣସି ଜନ ପ୍ରତିନିଧି କିମ୍ବା ସରକାରୀ ଅଧିକାରୀ କର୍ଣ୍ଣପାତ କରୁନଥିବା କେତୁ ଷଣ୍ଢଙ୍କ ସହ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ହୀରାଦେଇଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

# ଡ. ରାମକୃଷ୍ଣ ସାହୁଙ୍କୁ ନାଟ୍ୟରତ୍ନ ସମ୍ମାନରେ ସମ୍ମାନୀତ



ବ୍ରହ୍ମପୁର, (ନିପ୍ର) : ଗୁରୁବାର ବିଶିଷ୍ଟ ସମାଜସେବୀ, ଦୂରଦର୍ଶନ ଓ ଚଳଚିତ୍ର ଅଭିନେତା, ନାଟ୍ୟକାର ଡ. ରାମକୃଷ୍ଣ ସାହୁଙ୍କୁ ଗୁରୁବାର ବ୍ରହ୍ମପୁରସ୍ଥ ଜାତୀୟ ସଙ୍ଗୀତ କଳାକେନ୍ଦ୍ର ପରିସରରେ ରାଜାଧୀରାଜ ଦେବରାଜ ପାଠାଗାର ସାହିତ୍ୟ ଅନୁଷ୍ଠାନ, ବ୍ରହ୍ମପୁର ଦ୍ୱାରା ନାଟ୍ୟରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି । ରାଜାଧିରାଜ ଦେବରାଜ ପାଠାଗାର ସାହିତ୍ୟ ଅନୁଷ୍ଠାନର ପଞ୍ଚମ ବାର୍ଷିକ ଉତ୍ସବ ତଥା କବି-ତିଳକ ସ୍ୱର୍ଗତ ଦେବରାଜ ତ୍ରିପାଠୀଙ୍କ ସମାରୋହ ଅବସରରେ ନାଟକ ତଥା ଚଳଚିତ୍ର ଓ ଦୂରଦର୍ଶନ କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ନାଟ୍ୟରତ୍ନ ସମ୍ମାନରେ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଛି । ଏହି କାର୍ଯ୍ୟକ୍ରମଟିକୁ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଆୟୋଜିତ କରିଥିବା ବେଳେ ସୁଶ୍ରୀ ସୁରେଶୀ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର୍ କୃଷ୍ଣଚନ୍ଦ୍ର ଜେନା ମୁଖ୍ୟଅତିଥି, ଶିକ୍ଷାପ୍ରଦୀପ ଦେବୀ ପ୍ରସାଦ ସାହୁ ମୁଖ୍ୟବକ୍ତା, ଗଞ୍ଜାମ ଜିଲ୍ଲା ଜୀବନବିନ୍ଦୁର ସଂଯୋଜକ ସୁବାଷ ଚନ୍ଦ୍ର ମହାରଣା ତଥା ସାହିତ୍ୟିକ ସୁଶାନ୍ତ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସୁଶ୍ରୀ ନିହାରିକା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦିକା ଶ୍ରୀମତୀ ସୁଧାଞ୍ଜଳି ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ଶ୍ରୀମତୀ ବନ୍ଦନା ମହାପାତ୍ର କାର୍ଯ୍ୟକ୍ରମଟିକୁ ସହପରିଚାଳନା କରିଥିଲେ ।

## ବଲାଙ୍ଗିରରେ ଜିଲ୍ଲା ସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଦର ମହକୁମାଠାରେ ଜାତିର ଜନକ ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଜୟନ୍ତୀ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । ପୂର୍ବାହ୍ନ ଘ୮.୩୦ମି ସମୟରେ ସହରର ଗାନ୍ଧୀନଗରପଡା ସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଉପଜିଲ୍ଲାପାଳ ଲମ୍ବୋଦର ଧାରୁଆ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ବଲାଙ୍ଗିର ନାଗରିକ କମିଟି, ସିଭିଲ ସୋସାଇଟି, ବରିଷ୍ଠ ନାଗରିକ ଫୋରମ୍, ପୂର୍ବତନ ସୈନିକ ସଂଘ ତଥା ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଫୋଟୋରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳରେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସର୍ବଧର୍ମ ପ୍ରାର୍ଥନା ସଭାରେ ପବିତ୍ର ଗୀତା ପାଠ କରିଥିଲେ ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀ, ପବିତ୍ର କୋରାନ ପାଠ କରିଥିଲେ ମୌଲବୀ ମହମ୍ମଦ ମୋସାହିଦ ରାଜା, ପବିତ୍ର ବାଇବେଲ ପାଠ କରିଥିଲେ ପାଷ୍ଟର ମହେନ୍ଦ୍ର କୁମାର ବାଗ ଓ ପବିତ୍ର ଗ୍ରନ୍ଥ ସାହେବ୍ ପାଠ କରିଥିଲେ ଗ୍ରନ୍ଥି ଭୂପିନ୍ଦର ସିଂହ ।

ଜିଲ୍ଲା ସ୍ତରୀୟ ଏହି ଜୟନ୍ତୀ ପାଳନ ସମାରୋହରେ ଉଦବୋଧନ ଦେଇ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର ଜାତିର ଜନକ ଗାନ୍ଧୀଜୀଙ୍କ ଜୟନ୍ତୀ, ଶାନ୍ତିଦୂତ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଉପଲକ୍ଷେ ଅଭିନନ୍ଦନ ଜଣାଇବା ସହ ଆଜିର ପବିତ୍ର ଦିନକୁ କେବଳ ଆମ ଦେଶ ନୁହେଁ, ସାରା ବିଶ୍ୱରେ ପାଳନ କରାଯାଉଛି, ଏପରି କି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକାରେ ମଧ୍ୟ ଗାନ୍ଧିଜୀଙ୍କ ଜନ୍ମ ଜୟନ୍ତୀ ପାଳନ ସହ ଗାନ୍ଧିଜୀଙ୍କ ଅହିଂସା ମାର୍ଗରେ ଦେଶକୁ ସ୍ୱାଧୀନତା, ସାରା ବିଶ୍ୱ ନେତାଙ୍କ ଦ୍ୱାରା ଅତୀତରୁ ଆଜି ପର୍ଯ୍ୟନ୍ତ ପ୍ରସଂଶିତ ହୋଇଆସିଛି ବୋଲି ମତବ୍ୟକ୍ତ କରିଥିଲେ । ଜାତିର ଜନକ ମହାତ୍ମାଗାନ୍ଧୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶବାଣୀ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ହେବ ବୋଲି ସେ ପ୍ରକାଶ କରିଥିଲେ । ବିଦ୍ୟାଳୟ ଗୁଡିକରେ ଛାତ୍ର ଛାତ୍ରୀମାନଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନାଦର୍ଶ ସମ୍ପର୍କରେ ଜ୍ଞାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସଭାରେ ଜିଲ୍ଲାପାଳ ଶ୍ରୀ ରାଣା ଉଦ୍‌ବୋଧନ ଦେଇ ମହାତ୍ମାଗାନ୍ଧୀଙ୍କ ଅହିଂସା ନୀତି, ଆଦର୍ଶ, ଗାନ୍ଧୀ ଚିନ୍ତନ ଉପରେ ଆଲୋକପାତ କରିବା ସହ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକାଛିଡାରେ ନୂଆଁଖାଇ ଭେଟ୍‌ଘାଟ୍



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଶିକାଛିଡା ପଞ୍ଚାୟତରେ ଶିକାଛିଡା ଯୁବ ଗୋଷ୍ଠୀଙ୍କ ଦ୍ୱାରା ଭାଇଚାରାର ପର୍ବ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ମା' ସମଲେଶ୍ୱରୀ ଓ ବିଘ୍ନ ବିନାଶକ ଗଣେଶଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ପରେ କଣ୍ଠଶିଳ୍ପୀମାନେ ମଧୁର କଣ୍ଠରେ ଗୀତ ପରିବେଷଣ କରିଥିଲେ । ଏହାପରେ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ବଲାଙ୍ଗିର ସୁପ୍ରସିଦ୍ଧ ପ୍ରତିଭାମାନଙ୍କୁ ଗଣପତି କଳା ପରିଷଦ ଶିକାଛିଡା ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ, ବିଜେପି ଉପସଭାପତି ରାକେଶ ମିଶ୍ର, ବିଜେପି ସାଧାରଣ ସଂପାଦକ ଅମିତ ସିଂନିନା, ସମାଜସେବୀ ସନ୍ଦିପ ବାଗ, ସମାଜସେବୀ ତଥା ନିର୍ଦ୍ଦେଶକ ବିନୋଦ କାଲସାଏ, ନୃତ୍ୟଗୁରୁ ସୁବଳ ବାଗ, ମନରଂଜନ ପଟେଲ ପ୍ରମୁଖ ବିଚାରକ ଭାବେ ଥିଲେ ।

ବଲାଙ୍ଗିରର ଅନ୍ୟୂନ ପ୍ରତିଭା ଲୋକ କଳାକାର ଦିଲିପ ଦିପ, ଓଡିଶାର ଘରେ ଘରେ ପରିଚତ କଣ୍ଠଶିଳ୍ପୀ ଅଭିନେତ୍ରୀ ଅର୍ଚ୍ଚନା ପାଢୀ, 'ଶଳାବୁଢାର ବଦଲା'ର ଅଭିନେତ୍ରୀ ଚନ୍ଦନା ସିଂ, କଣ୍ଠଶିଳ୍ପୀ ରୁଚିସ୍ମିତା ଗୁରୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଗଲା ।

## ଗୋଁଣ୍ଡ ସମାଜର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ଗୁଡଭେଲା ବ୍ଲକ ରୁଷୁଡା ଗ୍ରାମରେ ପଂଚାୟତ ସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ଅନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଇଷ୍ଟଦେବ ବଡଦେଓଙ୍କ ପୂଜା ପରେ ମହିଳା ମାନଙ୍କ ଦ୍ୱାରା ନୂଆ ଧାନର ଚୁଡା ଓ ପିଠା କୁରେ ପତ୍ରରେ ପରିବେଷଣ ପରେ ଏକା ସଙ୍ଗେ ଖାଇ ଜୁହାର ଭେଟ୍ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତ ସଭାପତି ରମାକାନ୍ତ ଭୋଇ ସଭାପତିତ୍ୱ କରିଥିବା ବେଳେ ରାଷ୍ଟ୍ରୀୟ ସଭ୍ୟ ଗଣେଶ ମାଝୀ ମୁଖ୍ୟ ଅତିଥି ଭାବେ, ପ୍ରଦେଶ ଶିକ୍ଷା ମହାସଚିବ ମୀନକେତନ ମାଝୀ ମୁଖ୍ୟବକ୍ତା ଭାବେ, ବ୍ଲକ ସଭାପତି ହାଡୁ ଭୋଇ, ପ୍ରଦେଶ ମହିଳା ଉପସଭାପତି ପଙ୍କଜିନୀ ଭୋଇ, ଜିଲ୍ଲା ଉପସଭାପତି ଆଦିକନ୍ଦ ଭୋଇ, ପ୍ରଦେଶ ସଭ୍ୟ ହେମସାଗର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥି ଭାବରେ ଦେଓଗାଁ ବ୍ଲକ ସଭାପତି ସୁଦାମ ଚରଣ ଭୋଇ, ସଇଁନ୍ତଲା ସଭାପତି ସନ୍ତୋଷ ପୁଟା, ଟଙ୍କଧର ଭୋଇ, ସୁବାଷ ଧରୁଆଙ୍କ ଉପସ୍ଥିତିରେ ସଂପାଦକ ଶୁକ୍ରୁ ଧରୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ପାଇଁ ଗ୍ରାମର ଗଉଁନ୍ତିଆ ତଥା ଝାଙ୍କର ତେଜରାଜ ମାଝୀ ଓ ସମାଜସେବୀ ସମ୍ପତି ମାଝୀ ଜମି ଦାନ କରି ଭୂମି ପୁଜନ କରିଥିଲେ । ଯୁବ ଗୋଷ୍ଠୀ ତଥା ଛାତ୍ରଛତ୍ରୀ ମାନଙ୍କ ମଧ୍ୟରେ ସାମାଜିକ ରୀତିନୀତି ଉପରେ କୁଇଜ୍ ଏବଂ ରାଣୀ ଦୁର୍ଗାବତୀଙ୍କ ବିଷୟରେ ରଚନା ଲିଖନ ପ୍ରତିଯୋଗିତା ହୋଇ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ନବୋଦୟ, ଏକଲବ୍ୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ଦଶମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରଛତ୍ରୀ ମାନଙ୍କୁ ଉପଢୌକନ ଓ ପ୍ରମାଣ ପତ୍ର ସହିତ ଅଂଚଳର ବୟୋଜ୍ୟେଷ୍ଠ ସମାଜସେବୀ ସୁନାଶିର ମାଝୀ, ବିଶେଶ୍ୱର ମାଝୀ, ହେମନ୍ତ ଭୋଇ ଅର୍ଜୁନ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା । ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ମନୋରଞ୍ଜନ କରିଥିଲେ । ଉନ୍ନତମାନର ଶିକ୍ଷା ପାଇଁ ଏକ କୋଚିଙ୍ଗ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା । ଏହି ଭେଟ୍‌ଘାଟ୍‌ରେ ରୁଷୁଡା ସମେତ ଲିଖିରିଆ, ବର୍ଲା, କନକପଦର, ଟିକ୍ରିପଡା ଓ ଆଖପାଖ ଗ୍ରାମର ଶତାଧିକ ଲୋକ କୋଭିଡ-୧୯ର ନିୟମ ମାନି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଶ୍ୱଲାଲ ମାଝୀ, ନରେନ୍ଦ୍ର ମାଝୀ, ଟୁକୁ ମାଝୀ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ଓଡିଶା ନର୍ସିଂ କର୍ମଚାରୀ ସଂଘ ବଲାଙ୍ଗିର ଶାଖାର ସାମ୍ବାଦିକ ସମ୍ମିଳନୀ : ସଂଘର ସମସ୍ତ ଦସ୍ତାବେଜ ଯଥା ଶୀଘ୍ର ହସ୍ତାନ୍ତର କରନ୍ତୁ ପୁରାତନ ସଂଘ



ବଲାଙ୍ଗିର, (ନିପ୍ର) : ସଂଘର ଅଗ୍ରଗତୀ ନିମନ୍ତେ ଗତ ୧୫/୯/୨୧ରେ ସଂଘୀୟ ନିର୍ବାଚନ ହୋଇସାରିଛି । ଏଥିରେ ନୂତନ କର୍ମଚାରୀ ସଂଘ ଜିତ ହାସିଲ କରିବା ସହିତ ସଂଘର ଗୁରୁ ଦାୟିତ୍ୱ ନିଜ ଉପରକୁ ନେଇଛନ୍ତି । ତେବେ କୌଣସି କାରଣରୁ ସଂଘର ପୁରୁଣା ସଦସ୍ୟମାନେ ପୁରାତନ ଦସ୍ତାବେଜକୁ ନବ ନିର୍ବାଚିତ ସଂଘକୁ ପ୍ରଦାନ ନ କରିବାରୁ ନବ ନିର୍ବାଚିତ ସଂଘ ଦୈନନ୍ଦିନ କାର୍ଯ୍ୟକ୍ରମ ପାଇଁ ଅସୁବିଧା ଭୋଗ କରୁଛନ୍ତି । ଅନ୍ୟପଟେ ସଂଘର ଅନେକ ସଦସ୍ୟ ସଦସ୍ୟା କରୋନା ମାହାମରୀ ଭଳି ଦାୟିତ୍ୱ ନେଇଥିବା ବେଳେ ସେମାନଙ୍କ ପାଇଁ ସଂଘକୁ ଆଗ ତୁରିଆ ସତର୍କ ରହିବାକୁ ପଡୁଛି । ଏଭଳି ସମୟରେ ପୁରାତନ ସଂଘ ନିର୍ବାଚନ ହାରିଲା ପରେ ମଧ୍ୟ କୋଉଁ ଉଦ୍ଦେଶ୍ୟରେ ସଂଘର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦସ୍ତାବେଜ ନବ ନିର୍ବାଚିତ ସଂଘକୁ ପ୍ରଦାନ କରୁ ନାହାନ୍ତି ତାହା ବୁଝା ପଡୁନାହିଁ । ଯଦ୍ଵାରା ସଂଘ ବାରମ୍ବାର ହଇରାଣ ହରକତ ହେଉଛି । ଯଥା ଶୀଘ୍ର ଏହି ଦସ୍ତାବେଜ ଗୁଡିକୁ ନବ ନିର୍ବାଚିତ ସଂଘକୁ ହସ୍ତାନ୍ତର ନକଲେ ସଂଘ ବାଧ ହୋଇ ଆଇନର ଆଶ୍ରୟ ନେବ ବୋଲି ନବ ନିର୍ବାଚିତ ଓଡିଶା ନର୍ସିଂ କର୍ମଚାରୀ ସଂଘର ବଲାଙ୍ଗିର ଶାଖା ତରଫରୁ ସ୍ଥାନୀୟ ଭୀମ ଭୋଇ ମେଡିକାଲ ପରିସରରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଚେତାଇ ଦିଆଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ବ୍ରଜ କିଶୋର ପଣ୍ଡା, ସଭାପତି ଅଞ୍ଜଳି ସାହୁ, ଉପସଭାପତି ରିତାରାଣୀ ବେହେରା ଓ କୋଷାଧ୍ୟକ୍ଷ କୋଶଲ୍ୟା ନାଏକ ମଞ୍ଚାସୀନ ଥିବା ବେଳେ ସଂଘର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ ।

## ସ୍ମାଇଲ ଫାଉଣ୍ଡେସନ ଇଣ୍ଡିଆ ଦ୍ୱାରା ମୋବାଇଲ୍ ମେଡିକେୟାର୍ ୟୁନିଟ୍‌ର ଶୁଭାରମ୍ଭ

ବଲାଙ୍ଗିର, (ନିପ୍ର) : ବେସରକାରୀ ସାମାଜିକ ସଂଗଠନ "ସ୍ମାଇଲ ଫାଉଣ୍ଡେସନ ଇଣ୍ଡିଆ" ନୂଆଦିଲ୍ଲୀର ସହଯୋଗରେ ଆଜି ବଲାଙ୍ଗିର ଜିଲ୍ଲାରେ ଏକ ସ୍ୱାସ୍ଥ୍ୟ ପ୍ରକଳ୍ପ "ସ୍ମାଇଲ ଅନ ହ୍ୱିଲ"ର ଶୁଭାରମ୍ଭ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଭୀମ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ପ୍ରଭାତ କୁମାର ରଥ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତ୍ୟୁଞ୍ଜୟ ମୁଣ୍ଡ, ସ୍ମାଇଲ ଫାଉଣ୍ଡେସନର ଆଞ୍ଚଳିକ ମୁଖ୍ୟ ସାମୁଏଲ ବେହେରା, ପ୍ରକଳ୍ପ ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଜାରି ରହିଥିବା କୋଭିଡ୍ ମହାମାରୀ ପରିସ୍ଥିତି ଏବଂ ବର୍ତ୍ତମାନ ଗ୍ରାମାଞ୍ଚଳମାନଙ୍କରେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ମାଇଲ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି, ଯାହାକି ଏହି ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାର ଅପହଞ୍ଚ ଏବଂ ଅନୁନ୍ନତ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ମାଗଣାରେ ପହଞ୍ଚାଇ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ସେବା ଅଭିଜ୍ଞ ଡାକ୍ତର, ନର୍ସ ଏବଂ ଡାକ୍ତରୀ କର୍ମଚାରୀମାନଙ୍କ ଦ୍ୱାରା ବର୍ତ୍ତମାନ ଗୁଡୁଭେଲା ବ୍ଲକର ଗ୍ରାମାଞ୍ଚଳମାନଙ୍କରେ ଯୋଗାଇ ଦିଆଯିବ ଏବଂ ପରେ ଅନ୍ୟ ବ୍ଲକମାନଙ୍କରେ ମଧ୍ୟ ଏହି ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି ସ୍ମାଇଲ ଫାଉଣ୍ଡେସନର ଆଞ୍ଚଳିକ ମୁଖ୍ୟ ଶ୍ରୀ ବେହେରା ପ୍ରକାଶ କରିଥିଲେ ।






Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com



ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu